POSTAL REGISTRATION NO.- PURI/45/2025-27
Visit our website: sssoochanaenewspaper.in
RNI REGISTRATION NO.- ODIBIL/2021/81452



# ଶ୍ରୀ ଶ୍ରୀକ୍ଷେତ୍ର ସୂଚନା

SHREE SHRIKSHETRA SOOCHANA

/shreeshrikshetrasoochana /ssoochana +91 94370 58632



ପୁରୀ ନରେନ୍ଦ୍ର କୋଣଠାରେ ଅବସ୍ଥିତ ବାବା ବାଲିକପିଳେଶ୍ୱର ମହାଦେବଙ୍କ ଦେବ ବିବାହ ନୀତି ଅନୁଷ୍ଠିତ

VOL - 4 ❖ ISSUE - V ❖ MAY 2025 ❖ PURI ❖ PAGE - 8 ❖ Rs. 10.00
ଚତୁର୍ଥ ବର୍ଷ ❖ ପଞ୍ଚମ ସଂଖ୍ୟା ❖ ମଇ ୨୦୨୫ ❖ ପୁରୀ ❖ ପୃଷ୍ଠା : ୮ ❖ ମୂଲ୍ୟ : ଟ. ୧୦.୦୦

## ସମ୍ପାଦକୀୟ

## ଅପରେସନ ସିନ୍ଦୂର-ଭାରତୀୟ ଏକତା



ଦେଶ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକ ସ୍ୱର ହୋଇ ଦାବି କରୁଛନ୍ତି- ଆତଙ୍କବାଦର ହଳାହଳରେ ଜର୍ଜର ବିଷଧର ସର୍ପ ସଦୃଶ ଆତଙ୍କବାଦୀ ତଥା ସାପଙ୍କୁ ପାଳିଥିବା ପାକିସ୍ତାନକୁ ଚରମ ଶିକ୍ଷା ଦିଆଯାଉ। ଭାରତରେ ଏପରି ଏକଜୁଟତା ଦେଖାଦେବ ବୋଲି ଶତ୍ରୁପକ୍ଷ କେବେହେଁ ଚିନ୍ତା କରିନଥିବ। ସେମାନେ ଯେଉଁ ଅସଲ ଉଦ୍ଦେଶ୍ୟରେ ପହଲଗାମ କାଣ୍ଡ ଭିଆଇଥିଲେ, ପ୍ରଥମରୁ ହିଁ ବିଫଳ ହୋଇଯାଇଛି ।ଆତଙ୍କବାଦୀ ଏବଂ ସେମାନଙ୍କର ଆକ୍କାଙ୍କ ଉଦ୍ଦେଶ୍ୟ ଥିଲା ଭାରତବ୍ୟାପୀ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି କରିବା। କଫ ବିଲ୍ ସଂସଦରେ ପାରିତ ହେବାପରେ ଦେଶରେ ତୁମ୍ଭିତୋଫାନ ଚାଲିଥିଲା। ଏହା ବିରୋଧରେ କେଉଁଠି କେଉଁଠି ଉତ୍ତେଜନା ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା। ଏହି ସମୟରେ ପାକିସ୍ତାନ ସେନାଧକ୍ଷ 'ଟୁ ନ୍ୟାସନ୍ ଓରୀ' ଉପରେ ପ୍ରବଚନ ଦେଇ ଏହି ଅସନ୍ତୋଷରେ ନିଆଁ ଧରାଇବାକୁ ଦିଆସିଲ କାଠି ମାରିଦେଲେ। ତା'ପରେ ଆତଙ୍କବାଦୀ ପହଲଗାମରେ 'ହିନ୍ଦୁ' ପର୍ଯ୍ୟଟକଙ୍କୁ ବାଛି ବାଛି ହତ୍ୟା କଲେ। ଭାବିଥିଲେ ଏପରି ଜଘନ୍ୟ କାଣ୍ଡ 'ନିଆଁରେ ଘିଅ' ଢାଳିବ ନିଶ୍ଚୟ। କିନ୍ତୁ ସେମାନେ ଭୁଲିଯାଇଥିଲେ ଯେ, ଦେବଭୂମି ଭାରତବର୍ଷ ମାତ୍ର କେତୋଟି ବର୍ଷ ତଳର ଏବଂ ଘଟଣାଚକ୍ରର 'ବାଇପ୍ରଡକ୍ଟ' ନୁହେଁ। ହଜାର ହଜାର ବର୍ଷର ଉଦାର ସଂସ୍କୃତି, ପରମ୍ପରା, ବିଚାର, ଭାଇଚାରକୁ ନେଇ ପରିପୁଷ୍ଟ। ସବୁଠୁ ବିବିଧତାଭରା ତଥା ସ୍ପନ୍ଦନଶୀଳ ଗଣତନ୍ତ୍ର ଭାରତ । ସମସ୍ତଙ୍କୁ ନେଇ ମିଳିମିଶି ଚଳିବାର ଗୁଣ ଏହାର ଡିଏନଏରେ ଜଡ଼ିତ । ଭାରତ ତା'ର ଆତ୍ମାରେ ମହାନ୍ । ଏଣୁ ଦେଶର ବିପଦ ସମୟରେ କି ହିନ୍ଦୁ, କି ମୁସଲମାନ ସମସ୍ତେ ଆଗେଇ ଆସିଛନ୍ତି ଦେଶବିରୋଧୀ ତତ୍ତ୍ୱ ବିରୋଧରେ। ଏହି ପରିପ୍ରେକ୍ଷୀରେ ଜାମ୍ମୁ ଓ କଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, ଏଆଇଏମଆଇଏମର ଅଧ୍ୟକ୍ଷ ତଥା ହାଇଦ୍ରାବାଦ ସାଂସଦ ଅସଉଦ୍ଦିନ ଓସୀଙ୍କ ଆଭିମୁଖ୍ୟ ସ୍ୱାଗତଯୋଗ୍ୟ। ଗତ ୨୮ତାରିଖରେ ଜାମ୍ମୁ ଓ କାଶ୍ମୀର ବିଧାନସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ଡକାଯାଇ ପହଲଗାମ ଆକ୍ରମଣର ତୀବ୍ର ନିନ୍ଦା କରାଯାଇଛି। ବିଧାନସଭାରେ ଓମାର କହିଛନ୍ତି ଯେ ଜାମ୍ମୁ ଓ କାଶ୍ମୀର ସୁରକ୍ଷା ଦାୟିତ୍ୱ କେନ୍ଦ୍ର ଜିମାରେ ଅଛି। ପହଲଗାମ ଅଘଟଣକୁ ଆଳ କରି କେନ୍ଦ୍ର ନିକଟରେ ଜାମ୍ମୁ ଓ କାଶ୍ମୀରକୁ ରାଜ୍ୟ ମାନ୍ୟତା ଦିଆଯାଉ ବୋଲି ନ୍ୟାସନାଲ କନଫରେନ୍ସ ତା'ର ବହୁ ଦିନର ଦାବିକୁ ପୁଣି ଉଠାଇପାରିବ। ମାତ୍ର ଦେଶର ଏପରି ଦୁଃଖ ସମୟରେ ସେ ହୀନ (ପୃଷ୍ଠା-୭)

(ରାଜେଶ କୁମାର ମହାନ୍ତି)

## 'ବିଶ୍ୱ ଦୁଗ୍ଧ ଦିବସ-୨୦୨୫' କାର୍ଯ୍ୟକ୍ରମରେ ଗୋବଂଶ ବୃଦ୍ଧିକୁ ଗୁରୁତ୍ୱ





**ଭୁବନେଶ୍ୱର:** ଲୋକସେବା ଭବନ କନଭେନସନ ହଲରେ 'ବିଶ୍ୱ ଦୁଗ୍ଧ ଦିବସ-୨୦୨୫' କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସହ ସାମିଲ୍ ହୋଇ ଦୁଗ୍ଧ ଚାଷୀଙ୍କ କଲ୍ୟାଣ ପାଇଁ 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' ରେ ୩ ଲକ୍ଷ ଗୋପାଳକଙ୍କୁ ୭୧ କୋଟି ଏବଂ ଗୋବଂଶ ରକ୍ଷା, ଗୋବଂଶ ବୃଦ୍ଧି, ବୃଦ୍ଧ ଗୋବଂଶ ସୁରକ୍ଷା ପାଇଁ ୭୫ଟି ଗୋଶାଳାକୁ ୧୦ କୋଟି ୫୦ ଲକ୍ଷ ଟଙ୍କା ସହାୟତା ପ୍ରଦାନ କଲୁ। କୃଷି ଓ ପଶୁପାଳନ କ୍ଷେତ୍ରରେ ଏକ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ।





ସମ୍ବଲପୁରଠାରେ ଜିଲ୍ଲା କୃଷି ଭବନ ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ମନ୍ତ୍ରୀ ସୁରେଶ ପୂଜାରୀ, ମନ୍ତ୍ରୀ ରବି ନାରାୟଣ ନାୟକ ଏବଂ ବିଧାୟକ ଜୟ ନାରାୟଣ ମିଶ୍ର ଅନ୍ୟତମ ଅତିଥି ଭାବେ ଯୋଗଦେବା ଅବସରରେ।

## ଆମ ସଂକଳ୍ପ-ନିଶା ନୁହେଁ ଜୀବନ: ମୁଖ୍ୟମନ୍ତ୍ରୀ

'ଗାଁରୁ ସହର ପର୍ଯ୍ୟନ୍ତ ସମ୍ପୂର୍ଣ ଓଡ଼ିଶାକୁ ଅପମିଶ୍ରିତ, ବିଷାକ୍ତ ଏବଂ ଚୋରା ମଦ କାରବାର ସମ୍ପୂର୍ଣ୍ଣ ରୋକିବା ଲାଗି ତଥା ଯୁବ ସମାଜକୁ ନିଶା କବଳରୁ ମୁକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରାଜ୍ୟ ସରକାର'ଆଜି ବିଶ୍ୱ ତମ୍ବାଖୁ ବର୍ଜନ ଦିବସ ଅବସରରେ ଲୋକସେବା ଭବନ ଠାରେ ଅବକାରୀ ବିଭାଗ ପକ୍ଷରୁ ନିଶାଦ୍ରବ୍ୟ ତଥା ବିଷାକ୍ତ ମାଦକଦ୍ରବ୍ୟ ବିରୋଧରେ ରାଜ୍ୟବ୍ୟାପୀ ଜନସଚେତନତା ଅଭିଯାନର କାର୍ଯ୍ୟକ୍ରମକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରମଳରେ ଉଦ୍ଘାଟନ କରିଛନ୍ତି। ବିଭିନ୍ନ ମାଦକ ତଥା ନିଶାଦ୍ରବ୍ୟ



ବ୍ୟବହାରର କୁପରିଣାମ ବିଷୟରେ ସମସ୍ତ ଜନସାଧାରଣଙ୍କୁ ଅବଗତ କରିବା ସହିତ ଅପମିଶ୍ରିତ,ବିଷାକ୍ତ ଏବଂ ଚୋରା ମଦ କାରବାର ସମ୍ପୂର୍ଣ୍ଣ ରୋକିବା ଲାଗି (ପୃଷ୍ଠା-୭)

## ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆକୁ ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର ସଦସ୍ୟ ଭାବେ ମନୋନୀତ



**ଭୁବନେଶ୍ୱର:** ଲୋକସଭା ବାଚସ୍ପତି ଓମ୍ ବିର୍ଲା ବିଜେପି ସାଂସଦ ସମ୍ବିତ ପାତ୍ରଙ୍କ ସମେତ ୩ଜଣ ସଦସ୍ୟଙ୍କୁ ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆକୁ ମନୋନୀତ କରିଛନ୍ତି। ଡ. ପାତ୍ରଙ୍କ ବ୍ୟତିତ ଶିବସେନା ସଦସ୍ୟ ନରେଶ ମହସ୍କେ ଏବଂ କଂଗ୍ରେସ ସଦସ୍ୟ କାଳୀଚରଣ ମୁଣ୍ଡାଙ୍କୁ ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆକୁ ମନୋନୀତ କରାଯାଇଛି ଯାହା ପ୍ରିଂଟ୍ ମିଡିଆ ପାଇଁ ଏକ ଅର୍ଦ୍ଧନ୍ୟାୟିକ ସଂସ୍ଥା। ପୂର୍ବରୁ ରାଜ୍ୟସଭା ଅଧ୍ୟକ୍ଷ ଜଗଦିପ୍ ଧନଖର୍ ବିଜେପି ସଦସ୍ୟ ସୁଧାଂଶୁ ତ୍ରିବେଦୀ ଏବଂ ବ୍ରିଜ୍‌ଲାଲଙ୍କୁ ପ୍ରେସ୍ କାଉନସିଲ ସଦସ୍ୟ ଭାବେ ମନୋନୀତ କରିଥିଲେ। ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆରେ ନୂତନ ସଦସ୍ୟତା ପାଇଁ ଡ. ପାତ୍ରଙ୍କୁ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ସମ୍ବାଦ ପତ୍ର ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ।







# ପୁରୀ ଠାରେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ






ପୁରୀ: ଆମେ ଏକ। ଆମ ଦେଶର ସୁରକ୍ଷା ରେ ଆମେ ସମସ୍ତେ ଜଣେ ଜଣେ ସିପାହୀ। ଦେଶ ମାତୃକାର ସେବାରେ ଦିନ ରାତି ଲାଗିଥିବା ଓ ଅପରେସନ ସିନ୍ଦୂର ରେ ନିୟୋଜିତ ସମସ୍ତ ତିନି ସେନା କୁ ଆମେ ଧନ୍ୟବାଦ ଦେଉଛୁ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ଅପରେସନ ସିନ୍ଦୁରର ସଫଳତା ଓ ଭାରତୀୟ ସେନାବାହିନୀର ଦକ୍ଷତାକୁ ସମ୍ମାନ ଜଣାଇ ଆଜି ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ମୁକ୍ତାକାଶ ରଙ୍ଗ ମଞ୍ଚ ଠାରୁ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାକୁ ଉଦଘାଟନ କରି ଉପ ମୁଖ୍ୟମନ୍ତ୍ରୀ ଶ୍ରମତୀ ପରିଡା ଆମ ସେନା ର ପରାକ୍ରମ ସମଗ୍ର ବିଶ୍ୱ ଦେଖି ଆଚମ୍ଭିତ ହୋଇଛି। ଏହା ଏକ ଐତିହାସିକ ସଫଳତା। ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଡା ଦେବେନ୍ଦ୍ର ତରାଇ ପ୍ରମୁଖ ଆମ ସେନା ମାଧମର ଏହି ବିପୁଳ ବିଜୟ ବିଶ୍ୱ ରେ ଆଲୋଡନ ସୃଷ୍ଟି ସହ ଆମେ ଯେ କେତେ ପରାକ୍ରମୀ ତାହାର ପ୍ରମାଣ ମିଳିଛି ବୋଲି କହିଥିଲେ।ଆତଙ୍କୀ ଆକ୍ରମଣ ର ସଠିକ ଜବାବ ଦେଇ ଭାରତ ଉପଯୁକ୍ତ ପ୍ରତିଶୋଧ ନେଆ ପାରିଛି ବୋଲି ସେମାନେ କହିଥିଲେ। ଏହି ଶୋଭାଯାତ୍ରା ମରିଚକୋଟ ଛକ ପର୍ଯ୍ୟନ୍ତ ଯାଇଥିଲା। ଅତିଥି ମାନେ ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରି ସେନା ମନୋବଳ ବୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ। ଭାରତୀୟ ସେନାର ଅଦମ୍ୟ ସାହସକୁ ସମ୍ମାନ ଜଣାଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ପରାକ୍ରମ ଶୋଭାଯାତ୍ରାରେ ସମାଜର ସବୁ ବର୍ଗର ନାଗରିକଙ୍କ ସହ ପ୍ରଶାସନିକ ଅଧିକାରୀ, ପୋଲିସ ବାହିନୀ,ଏନସିସି କ୍ୟାଡ଼େଟ୍ , ଅଗ୍ନିଶମ କର୍ମଚାରୀ, ଶିକ୍ଷକ, ମହିଳା, ଛାତ୍ରଛାତ୍ରୀ, କ୍ରୀଡ଼ାବିତ, ଗଣମାଧମ,ମିଶନ ଶକ୍ତି ମା ମାନେ ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

# ଜାତୀୟ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ମିଳନୀ ଉଦଘାଟିତ



**ପୁରୀ:** ଓଡିଶା ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ବିଭାଗ, ଭାରତ ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟର ସହଯୋଗରେ, ମେ ୩୦-୩୧ ରେ ପୁରୀରେ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ମିଳନୀ ଆୟୋଜିତ ହୋଇଛି । ସମ୍ମିଳନୀକୁ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ, ପ୍ରଭାତୀ ପରିଡା ଉଦଘାଟନ କରିଥିଲେ।ନିଜ ବକ୍ତବ୍ୟ ରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ପ୍ରତ୍ୟେକ ଶିଶୁର ଅଭିବୃଦ୍ଧି ପାଇଁ ଏକ ପ୍ରେମପୂର୍ଣ୍ଣ, ସୁରକ୍ଷିତ ଏବଂ ପୋଷଣକାରୀ ପାରିବାରିକ ପରିବେଶର ଆବଶ୍ୟକତା ରହିଛି ବୋଲି କହିଥିଲେ। ପ୍ରତିଟି ଶିଶୁ ର ଏକ ସୁନ୍ଦର ଭବିଷ୍ୟତ ପାଇଁ ପିତା ମାତା ଙ୍କ ସ୍ନେହ ଜରୁରୀ। ପୋଷ୍ୟ ସନ୍ତାନ ଗ୍ରହଣ ଦ୍ୱାରା ପିଲାଟିକୁ ଏକ ପରିବାର ମିଳିବା ସହ ଗ୍ରହଣକାରୀ ଙ୍କୁ ମଧ ପିତା ମାତା ର ସୌଭାଗ୍ୟ ପ୍ରାପ୍ତି ର ସୁଯୋଗ ମିଳିଥାଏ। ପ୍ରତ୍ୟେକ ଶିଶୁ ମଧ୍ୟରେ ପ୍ରତିଭା ରହିଛି ଓ ଏହାର ଉନ୍ମେଷ ସମାଜ କୁ ସମୃଦ୍ଧ ଓ ଶୃଙ୍ଖଳିତ କରି ପାରିବ।ଚିନ୍ତା, ଚେତନା, ଶିକ୍ଷା ଏବଂ ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରିବା ପାଇଁ ଏକ ମଞ୍ଚ ଆୟୋଜନ କରିଥିବାରୁ ବିଭାଗକୁ ସେ ଅଭିନନ୍ଦନ ଜଣାଇଥିଲେ। ଗତ କିଛି ବର୍ଷ ମଧ୍ୟରେ ଓଡିଶା ପୋଷ୍ୟ ସନ୍ତାନ ଗ୍ରହଣ ବ୍ୟବସ୍ଥାକୁ ସୁଗମ କରିବାରେ ଉଲ୍ଲେଖନୀୟ ଅଗ୍ରଗତି କରିଛି ବୋଲି ଉପ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଶୁଭା ଶର୍ମା ପ୍ରମୁଖ ସଚିବ, ମହିଳା ଏବଂ ଶିଶୁ ବିକାଶ ବିଭାଗ, ଶ୍ରୀମତୀ ଭାବନା ସକ୍ସେନା, ମୁଖ୍ୟ ନିର୍ବାହୀ ଅଧିକାରୀ, କେନ୍ଦ୍ର ପୋଷ୍ୟ ସନ୍ତାନ ସମ୍ବଳ ସଂସ୍ଥା (ଉଇଜଇ); ଏବଂ ମୋନିଷା ବାନାର୍ଜୀ ନିର୍ଦ୍ଦେଶକ, ଆଇ.ସି.ଡି.ଏସ. ଏବଂ ସମାଜ କଲ୍ୟାଣ ବିଭାଗ ଉପସ୍ଥିତ ରହି ପୋଷ୍ୟ ସନ୍ତାନ ଗ୍ରହଣ ସମ୍ମିଳନୀ ର ଆବଶ୍ୟକତା, ବ୍ୟବହାରଗତ ପରିବର୍ତ୍ତନ ଓ ସାମାଜିକ ପ୍ରତିବଦ୍ଧତା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମିଳନୀରେ କେନ୍ଦ୍ର ପୋଷ୍ୟ ସନ୍ତାନ ସମ୍ବଳ ସଂସ୍ଥା (ଉଇଜଇ), ୟୁନିସେଫ ଏବଂ ରାଜ୍ୟ କର୍ତ୍ତୃପକ୍ଷଙ୍କ ନେତୃତ୍ୱରେ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ।

# ଆଇନ ସଚେତନତା ଶିବିର



ପୁରୀ: ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ୍ୟା ତଥା ଜିଲ୍ଲା ଓ ଦୌରାଜଜ ଶ୍ରୀମତୀ ଅଜନ୍ତା ଷଡଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାଇ ଜିଲ୍ଲା ଆଇନ ସେବା ପ୍ରାଧିକରଣର ବିକଳ୍ପ ବିବାଦ ସମାଧାନ ସମ୍ମିଳନୀ କକ୍ଷରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା ) ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି ଓ ଆଜିର ଏହି କାର୍ଯକ୍ରମକୁ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀ ପରିଚାଳନା କରିଥିଲେ । ଏହି କାର୍ଯକ୍ରମକୁ ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ ରେ ଥିବା ବିଭିର୍ନ ବିଧିବ୍ୟବସ୍ଥାର ଉଦେଶ୍ୟ ଓ ଆଭିମୁଖ୍ୟ ,ନିଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧସ୍ଥତା କେନ୍ଦ୍ର , ନ୍ୟାୟ ସଂଯୋଗ , ୧୫୧୦୦ ଏବଂ ସମୁଖ କାର୍ଜ୍ୟାଳୟ ବିଷୟରେ ଅବଗତ କରାଇବା ସହ ଆଇନ ସେବା କଣ ଏବଂ ଆଇନ ସେବା ପାଇବାପାଇଁ କେଉଁ କେଉଁମାନେ ଯୋଗ୍ୟ ସେହି ବିଷୟରେ ଆଲୋଚନା କରିଥିଲେ । ଏହି କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା ) ର ସଦସ୍ୟ ପ୍ରମୋଦ କୁମାର ରାୟ , ମୁଖ୍ୟ ଆଇନ ପ୍ରତିରକ୍ଷା ଓକିଲ ସୁଧୀର କୁମାର ଘୋଷ ଯୋଗଦାନ କରିଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀ ୨.୦ ର ଶୁଭାରମ୍ଭ




**ପୁରୀ:** ପୁରୀ ପୌରାଞ୍ଚଳରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରୀ ୨.୦ ର ଶୁଭାରମ୍ଭ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ଯୋଗ ଦେଇ ନିଜର ଘର ଟିଏ ସମସ୍ତଙ୍କ ସ୍ୱପ୍ନ ଥାଏ ବୋଲି କହିଥିଲେ। ପର ପିଢ଼ି ପାଇଁ ଏହା ଏକ ସମ୍ବଳ।ଏହି ସ୍ୱପ୍ନ କୁ ସାକାର ପାଇଁ ଆଜି ଠାରୁ ପୁରୀ ସହରାଞ୍ଚଳରେ ପ୍ରକ୍ରିୟା ଆରମ୍ଭ ହୋଇଛି। ଉପଯୁକ୍ତ ଆବେଦନକାରୀ ଅନଲାଇନ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀ ୨.୦ ପାଇଁ ଆବେଦନ କରିବେ। ଏଗୁଡିକ ଯାଞ୍ଚ ପରେ ସେମାନ ଙ୍କୁ କାର୍ଯ୍ୟାଦେଶ ଦିଆଯିବ। ତେଣୁ ଏହାକୁ ନିଷ୍ଠା ର ସହ, ନିଜେ ଶ୍ରମ ଦାନ କରି ନିଜର ଘର ଟିଏ ବନାନ୍ତୁ ଓ ତତସହିତ ନିର୍ଦ୍ଧାରିତ ୪ ମାସ ଓ ୬ ମାସ ମଧ୍ୟରେ କାର୍ଯ୍ୟ ସମ୍ପର୍ଣ୍ଣ କରି ଯଥାକ୍ରମେ ୨୦ ହଜାର ଓ ୧୦ ହଜାର ଅର୍ଥ ରାଶି ହାସଲ କରନ୍ତୁ ବୋଲି ଡା ପାତ୍ର ଆହ୍ୱାନ ଦେଇଥିଲେ। ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ସହରାଞ୍ଚଳ ର ଅନେକ ଲୋକ ବିନା ଘରରେ କାଳାତିପାତ କରୁଛନ୍ତି। ସେମାନଙ୍କ ପାଇଁ ଏହା ଏକ ସୁଯୋଗ। ଯୋଗ୍ୟତା ଅନୁସାରେ ହିତାଧିକାରୀ ଚୟନ ସହ ସେମାନ ଙ୍କୁ ସଚେତନ କରାଇବାକୁ ସେ ଅନୁରୋଧ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଯୋଗ ଦେଇ ସହରୀ ଆବାସ ପାଇଁ ଆବଶ୍ୟକୀୟ ନିୟମାବଳୀ ଓ ସରକାରୀ ବ୍ୟବସ୍ଥା ସମ୍ପର୍କରେ ଆବେଦନକାରୀ ମାନେ ଭଲ ଭାବେ ଅବଗତ ହୋଇ ଆବେଦନ କରିବାକୁ ଅନୁରୋଧ କରିଥିଲେ ।ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଏଥିରେ ଅଧକ୍ଷତା କରିବା ସହ ସମସ୍ତ ଙ୍କୁ ସ୍ୱାଗତ କରିଥିଲେ ।ସୂଚନା ଦେଇ ସେ କହିଲେ ଯେ ଆବାସ ଯୋଜନା ୧.୦ ରେ ୨୩୮୧ ମଧ୍ୟରୁ ୧୯୦୮ ଘର ପୂର୍ଣ୍ଣାଙ୍ଗ ହୋଇ ଥିବା ବେଳେ ୧୭୮ ଘର ନିର୍ମାଣାଧୀନ ଅଛି ।ତେବେ ୨୯୫ କାର୍ଯ୍ୟାଦେଶ ପାଇବା ସତ୍ତ୍ୱେ କାର୍ଯ୍ୟ ଆରମ୍ଭ କରୁ ନ ଥିବାରୁ, ବାରମ୍ବାର ନୋଟିସ ସତ୍ତ୍ୱେ ସହଯୋଗ କରୁ ନ ଥିବାରୁ ସେମାନ ଙ୍କୁ ଯୋଜନା ରୁ ବାଦ ଦିଆଯାଇଛି।

# ପୁରୀ ଜିଲ୍ଲା ଦିଶା ବୈଠକ ଅନୁଷ୍ଠିତ




**ପୁରୀ:** ପୁରୀ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି ବା ଦିଶା ବୈଠକ ଆଜି ଅପରାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ଅଧକ୍ଷତା କରିବା ସହ ସମସ୍ତ ସରକାରୀ ଯୋଜନା ଜନସାଧାରଣଙ୍କ ହିତ ପାଇଁ ଉଦ୍ଦିଷ୍ଟ ।ତେଣୁ ପ୍ରତ୍ୟେକ ବିଭାଗ ନିଷ୍ଠାର ସହ କାର୍ଯ୍ୟ କରି ଲୋକ ମାନଙ୍କୁ ତାହାର ସୁଫଳ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ।୨୦୩୬ ମସିହା ସୁଦ୍ଧା ବିକଶିତ ଓଡିଶା ଓ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ କରିବା ସରକାରଙ୍କ ଲକ୍ଷ୍ୟ ରହିଛି ।

# ପୁରୀ ଜିଲ୍ଲାରେ ଆନ୍ତର୍ଜାତିକ ସମବାୟ ବର୍ଷ ପାଳିତ




**ପୁରୀ:** ସଶକ୍ତ ସମବାୟ, ସୁଦୃଢ ସମାଜ ଓ ସମୃଦ୍ଧ ଜୀବନ ର ବାର୍ତ୍ତା ନେଇ ଆଜି ପୂର୍ବାହ୍ନରେ ସଂସ୍କୃତି ଭବନରେ ଆୟୋଜିତ ହୋଇଥିଲା ଆନ୍ତର୍ଜାତିକ ସମବାୟ ବର୍ଷ। ପୁରୀ ଜିଲ୍ଲା ଡିଆରସିଏସ ସୁନିତା ପତିଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଟି ଅନୁଷ୍ଠିତ ହୋଇଥିଲା । ସମବାୟ ର ଭୂମିକା ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ସମବାୟ କିପରି ସମାଜ କୁ ସୁଦୃଢ ଓ ଆର୍ଥିକ ସମୃଦ୍ଧ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ତାହା ଉପରେ ଆଲୋକପାତ ହୋଇଥିଲ । ଏହା ମାଧ୍ୟମରେ ଆମ ଅର୍ଥନୀତି କିପରି ମଜବୁତ ହୋଇ ପାରିବ ବୋଲି କହିଥିଲେ। ଏଥିରେ ଅଧକ୍ଷତା କରି ଡିଆରସିଏସ ସୁନିତା ପତି ସମସ୍ତଙ୍କୁ ସ୍ୱାଗତ କରିବା ସହ ସମବାୟ ବର୍ଷ ପାଳନର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବିଗତ ଖରିଫ ବର୍ଷ ରେ ସମବାୟ ବିଭାଗ ମାଧ୍ୟମରେ ୧୮ ଲକ୍ଷ ୫୨ହଜାର ୩୦୦ କ୍ୟୁଣ୍ଟାଲ ଧାନ ସଂଗ୍ରହ ହୋଇଛି ଯାହାକି ବିଗତ ବର୍ଷ ର ୧୫୦ % ରୁ ଅଧିକ କ୍ଷଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଭଲ କାମ କରିଥିବା ସମବାୟ ସମିତି ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥି ସହ ଭଲ କାମ କରିଥିବା ସମବାୟ ସମିତିର ସମ୍ପାଦକ ମାନଙ୍କୁ ମଧ ପୁରସ୍କୃତ କରାଯାଇଥିଲା । ସମବାୟ ନିରୀକ୍ଷକ ସତ୍ୟବ୍ରତ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ।

# ଦେବସ୍ନାନ ପୂର୍ଣ୍ଣିମା ଓ ଅଲାରନାଥ ଦର୍ଶନ ପାଇଁ ବୈଠକ ଅନୁଷ୍ଠିତ



**ପୁରୀ:** ଚଳିତ ବର୍ଷ ର ଦେବସ୍ନାନ ପୂର୍ଣ୍ଣିମା ଜୁନ ୧୧ ତାରିଖରେ ଅନୁଷ୍ଠିତ ହେବ। ତାହାର ପରଦିନ ଠାରୁ ବ୍ରହ୍ମଗିରି ଅଲାରନାଥ ପୀଠରେ ମହାପ୍ରଭୁଙ୍କ ଦର୍ଶନ ଆରମ୍ଭ ହୋଇଯିବ। ସ୍ନାନଯାତ୍ରା ଓ ଅଲାରନାଥ ଙ୍କ ଦର୍ଶନକୁ ଶାନ୍ତି ଶୃଙ୍ଖଳା ର ସହ ସମାପନ ପାଇଁ ଏକ ପ୍ରସ୍ତୁତି ବୈଠକ ସଦଭାବନା ସଭାଗୃହଠାରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପୂର୍ବରୁ ଏକାଧିକ ବୈଠକ ମାଧ୍ୟମରେ ସ୍ନାନ ଯାତ୍ରା,ଅଲାରନାଥ ଦର୍ଶନ ଓ ରଥଯାତ୍ରା କୁ ସୁଚାରୁ ରୁପେ ପରିଚାଳନା ପାଇଁ ବିଭିନ୍ନ ବିଭାଗ କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏସ ପି ବିନୀତ ଅଗ୍ରୱାଲ ଯୋଗ ଦେଇ ଶ୍ରଦ୍ଧାଳୁ ମାନଙ୍କ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳା ରକ୍ଷା ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ,ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ.ଶରତ ଚନ୍ଦ୍ର ମହାପାତ୍ର,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି,ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ,ଉପଜିଲ୍ଲାପାଳ ରାଜ କିଶୋର ଜେନା, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅଲାରନାଥ ମନ୍ଦିର ସେବାୟତ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

# ଲବଣ ସତ୍ୟାଗ୍ରହ ସ୍ମୃତି ସ୍ମାରକୀ ଦିବସ ପାଳିତ



ପୁରୀ :ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ସହୀଦ ସ୍ମୃତି ପୀଠ କୁହୁଡି ଠାରେ ଲବଣ ସତ୍ୟାଗ୍ରହ ସ୍ମୃତି ସ୍ମାରକୀ ଦିବସ ପାଳିତ ହୋଇଯାଇଛି। ସଂସ୍କୃତି ବିଭାଗ ପକ୍ଷରୁ ପ୍ରସ୍ତୁତ ପଣ୍ଡିତ ନିଳକଣ୍ଠ ଦାସଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉଦଘାଟନ କରିବା ସହ ସହୀଦ ମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କୁହୁଡି ଏକ ଐତିହାସିକ ସ୍ଥାନ ଓ ଏହାକୁ ଐତିହାସିକ ପର୍ଯ୍ୟଟନ ସ୍ଥଳୀ ରେ ପରିଣତ କରାଯିବ। ସେହିପରି କୁହୁଡିର ବିକାଶ ପାଇଁ ୫ କୋଟି ଟଙ୍କା ବ୍ୟୟ କରାଯିବା ସହ ଦାଣ୍ଡି ମାର୍ଚ୍ଚ ର ପ୍ରତିକୃତି, ଇଣ୍ଟରପ୍ରିଟେସନ ସେଣ୍ଟର ଓ ଅଙ୍ଗନବାଡି ସକ୍ଷମ କେନ୍ଦ୍ର କରାଯିବ। ଲବଣ ସତ୍ୟାଗ୍ରହ ସମ୍ପର୍କରେ ଏକ ସ୍ମରଣିକା ଅତିଥି ମାନେ ଉନ୍ମୋଚନ କରିଥିଲେ।

# ପୁରୀରେ 'ଜୁନିଅର ରକ୍ଷକ' ପ୍ରଶିକ୍ଷଣ ନେଲେ ୫୫୦ ଏନସିସି କ୍ୟାଡେଟ



ପୁରୀ: ପୁରୀରେ ଚାଲିଥିବା ଏନସିସି କ୍ୟାମ୍ପରେ ଅନୁଷ୍ଠିତ ହୋଇଛି ବାଣିଜ୍ୟ ଓ ପରିବହନ ବିଭାଗର 'ଜୁନିୟର ରକ୍ଷକ' କାର୍ଯ୍ୟକ୍ରମ । ୨ଟି ପର୍ଯ୍ୟାୟରେ ୫୫୦ ଏନସିସି କ୍ୟାଡେଟଙ୍କୁ ମାଷ୍ଟର ଟ୍ରେନର ମାନେ ସଡ଼କ ସୁରକ୍ଷା ଓ ଦୁର୍ଘଟଣାଗ୍ରସ୍ତଙ୍କୁ ତ୍ୱରିତ ସହାୟତା ସମ୍ପର୍କରେ ପ୍ରଶିକ୍ଷଣ ଦେଇଛନ୍ତି । ପୁରୀ, ଖୋର୍ଦ୍ଧା, ନୟାଗଡ଼ ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ଆସିଥିବା ୫୫୦ ଜଣ ଘଉଉ କ୍ୟାଡେଟ 'ଜୁନିଅର ରକ୍ଷକ' ତାଲିମ ନେଇଛନ୍ତି । କାର୍ଯ୍ୟକ୍ରମକୁ ଏନସିସି କର୍ଣ୍ଣେଲ ସୁଦୀପ ସିହ୍ନା ଓ ପୁରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ରବିନ ପଟ୍ଟନାୟକ ଉଦ୍ଘାଟନ କରିଥିଲେ । ମାଷ୍ଟର ଟ୍ରେନର ଅମୀୟବାଳା ପରିଡ଼ା, ଇତିଶ୍ରୀ ସୁନ୍ଦରା, ସୁବାସ ଚନ୍ଦ୍ର ପ୍ରଧାନ, ରବୀନ୍ଦ୍ର କୁମାର ସାହୁ ପ୍ରଶିକ୍ଷଣ ଦେଇଥିଲେ । ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ଜୀବନ ରକ୍ଷାରେ ଗୋଲ୍ଡେନ ଆୱାର ବା ଦୁର୍ଘଟଣା ଘଟିବାର ପରବର୍ତ୍ତୀ ଏକ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ । ଏହି ସମୟ ମଧ୍ୟରେ କିଭଳି ପ୍ରାଥମିକ ଚିକିତ୍ସା ପ୍ରଦାନ କରିହେବ ଓ ତୁରନ୍ତ ହସ୍ପିଟାଲ ପହଞ୍ଚାଯାଇପାରିବ ସେ ନେଇ ଉଭୟ ଥିଓରୀ ଓ ପ୍ରାକ୍ଟିକାଲ ଟ୍ରେନିଂ ଦିଆଯାଇଥିଲା । ଏହାସହ ଜୁନିୟର ରକ୍ଷକମାନେ ସଡ଼କ ସୁରକ୍ଷାର ବ୍ରାଣ୍ଡ ଆମ୍ବାସଡର ସାଜିବେ ।

# ବରିଷ୍ଠ ନାଗରିକ ସମ୍ମିଳନୀ ଅନୁଷ୍ଠିତ




**ପୁରୀ:** ପୁରୀ ଜିଲ୍ଲା ସ୍ତରୀୟ ବରିଷ୍ଠ ନାଗରିକ ସମ୍ମିଳନୀ ଆଜି ପୂର୍ବାହ୍ନରେ ଯୁଥ ହଷ୍ଟେଲ ଠାରେ ଅନୁଷ୍ଠିତ ହୋଇଥିଲା ।ଏହାକୁ ଉଦଘାଟନ କରି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ବରିଷ୍ଠ ନାଗରିକ ମାନେ ଅଭିଜ୍ଞତା ଓ ଅନୁଭବ ଦୃଷ୍ଟିରୁ ସମାଜ ପାଇଁ ଜଣେ ଜଣେ ସମ୍ବଳ ଓ ଶକ୍ତି ସଦୃଶ୍ୟ ।ସେମାନଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ଅନେକ ପଦକ୍ଷେପ ନିଆଯାଇଛି ବୋଲି କହିଥିଲେ ।ଆଜିର ପିଢ଼ି ଓ ବୟସ୍କ ମାନଙ୍କ ମଧ୍ୟରେ ବ୍ୟବଧାନ ସୃଷ୍ଟି ହେଉଛି ।ଏହାକୁ ପ୍ରତିହତ କରି ଆମ ମହାନ ସଂସ୍କୃତି ଓ ପରମ୍ପରା ଆଧାର ରେ ବରିଷ୍ଠ ମାନଙ୍କୁ ଉପଯୁକ୍ତ ସମ୍ମାନ ଦେବା ଏବଂ ସମସ୍ତ ସୁବିଧା ସୁଯୋଗ ଦେବାର ବ୍ୟବସ୍ଥା ରହିଛି ବୋଲି ଶ୍ରୀ ଭୋଇ ସୂଚନା ଦେଇଥିଲେ ।ଉପଜିଲ୍ଲାପାଳ ରାଜ କିଶୋର ଜେନା ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ବରିଷ୍ଠ ନାଗରିକ ମାନଙ୍କ ପାଇଁ ରହିଥିବା ନିୟମ, ସୁରକ୍ଷା ବ୍ୟବସ୍ଥା, ସମସ୍ୟା ର ସମାଧାନ ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଥିଲେ ।ବରିଷ୍ଠ ମାନଙ୍କ ପାରିବାରିକ ସମସ୍ୟା ର ଅନେକ ମାମଲା ରହିଛି ।ଏହାକୁ ଆପୋଷ ସମାଧାନ କରି ପୁନଃ ଶାନ୍ତି ଓ ସ୍ନେହ ବଜାୟ ରଖିବାକୁ ସେ ଆହ୍ୱାନ ଦେଇଥିଲେ ।ଭାରପ୍ରାପ୍ତ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଅନିତା ପଟ୍ଟନାୟକ ଏଥିରେ ଅଧକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ ଯୋଗ ଦେଇ ବରିଷ୍ଠ ନାଗରିକ ମାନଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ ।ସମାଜସେବୀ ସିଦ୍ଧାର୍ଥ ରାୟ ସଭା କାର୍ଯ୍ୟ ପରିଚାଳନା କରିଥିଲେ ।ପ୍ରାରମ୍ଭରେ ଅତିଥି ମାନେ ବରିଷ୍ଠ ନାଗରିକ ମାନଙ୍କ ନିମନ୍ତେ ସୂଚନା ପତ୍ର ଉନ୍ମୋଚନ କରିଥିଲେ । ନୂତନ ଭାବେ ନିର୍ବାଚିତ ହୋଇଥିବା ଜିଲ୍ଲା ସ୍ତରୀୟ ବରିଷ୍ଠ ନାଗରିକ କମିଟି ସଦସ୍ୟ ମାନଙ୍କ ନାମ ଘୋଷଣା କରାଯିବା ସହିତ ସେମାନଙ୍କୁ ସ୍ୱାଗତ କରାଯାଇଥିଲା ।

# ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ




**ପୁରୀ:**ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଓ ପ୍ରଶମନ ପାଇଁ ଏକ ପ୍ରସ୍ତୁତି ବୈଠକ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା ।ବୈଠକରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଜିଲ୍ଲା ପରିଷଦ ଅଧକ୍ଷା ସ୍ୱାପ୍ନାରାଣୀ ସ୍ୱାଇଁ,ଜିଲ୍ଲା ପରିଷଦ ଉପାଧକ୍ଷ ସ୍ୱାଧୀନ ନାୟକ ପ୍ରମୁଖ ଯୋଗ ଦେଇ ଜଳ ସମ୍ପଦ,ଡ୍ରେନେଜ ଡିଭିଜନ, ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳ,ଅତ୍ୟାବଶ୍ୟକ ସାମଗ୍ରୀ ସମ୍ପର୍କରେ ବିଭିନ୍ନ ସମସ୍ୟା, ସମାଧାନ ଓ ପ୍ରସ୍ତାବ ମାନ ଦେଇଥିଲେ। ବୈଠକରେ ଅଧକ୍ଷତା କରି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରାକୃତିକ ବିପର୍ଯ୍ୟୟ ର ମୁକାବିଲା ପାଇଁ ସମସ୍ତ ବିଭାଗ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ବିଶେଷ କରି ଜନସାଧାରଣ ଙ୍କୁ ସତର୍କ ଓ ସଚେତନ କରିବା ସହ ସ୍ୱାସ୍ଥ୍ୟ, ପାନୀୟ ଜଳ, ପଶୁ ସମ୍ପଦ, କୃଷି ଇତ୍ୟାଦି ବିଭାଗ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା କାର୍ଯ୍ୟ ସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ ।ନିଷ୍ପତ୍ତି ଅନୁସାରେ ଜିଲ୍ଲାରେ ଅହୋରାତ୍ର ଜରୁରୀ ବିଭାଗ ପାଇଁ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ହେବ ଓ ବିଡ଼ିଓ, ତହସିଲଦାର ମାନେ ଦୈନିକ ପରିସ୍ଥିତି ବା ସିଚୁଏସନ ରିପୋର୍ଟ ପ୍ରଦାନ କରିବେ। ବାତ୍ୟା ଓ ବନ୍ୟା ଆଶ୍ରୟ ସ୍ଥଳ ଗୁଡିକ ର ମରାମତି ଓ ବାସପୋଯୋଗୀ କରିବା, ବନ୍ୟା ଓ ବାତ୍ୟାର ମୁକାବିଲା ପାଇଁ ବିଭିନ୍ନ ସାମଗ୍ରୀ ମହଯୁଦ ରଖିବା, ନିୟନ୍ତ୍ରଣ କକ୍ଷ ପରିଚାଳନା କରିବା, ଜନପ୍ରତିନିଧି ଓ ପଞ୍ଚାୟତ ପ୍ରତିନିଧି, ସ୍ୱଚ୍ଛାସେବୀ ମାନଙ୍କ ସହ ଯୋଗାଯୋଗ ମାଧ୍ୟମରେ ଜରୁରୀ ସୂଚନା ପ୍ରଦାନ କରିବା, ଖାଦ୍ୟ, ଔଷଧ, ଗୋ ଖାଦ୍ୟ ଇତ୍ୟାଦି ମହଯୁଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡା ଶରତ ଚନ୍ଦ୍ର ମହାପାତ୍ର,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି,ଉପ ଜିଲ୍ଲାପାଳ ରାଜ କିଶୋର ଜେନା,ଅତିରିକ୍ତ ଏସ ପି ସୁଶୀଲ ମିଶ୍ର, ସାଂସଦ ବିଧାୟକ ଙ୍କ ପ୍ରତିନିଧି ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।ଶେଷରେ ଜିଲ୍ଲା ଜରୁରୀ ବିଭାଗ ଡେପୁଟି କଲେକ୍ଟର ମନିଷା ଷଡ଼ଙ୍ଗୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।ବୈଠକରେ ସମସ୍ତ ବ୍ଲକ ଅଧକ୍ଷ, ବିଡ଼ିଓ, ତହସିଲଦାର, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ବିଭିନ୍ନ ବିଭାଗ ଅଧିକାରୀ ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




# ଜୁନ୍ ୧୬ରୁ ୨୦ ବେଳାଭୂମିରେ ଲୋକମେଳା ଓ କୃଷି ମେଳା




## ଆସିବେ କୋଡିଏ ରାଜ୍ୟ ର ଛ'ଶହ କଳାକାର

**ପୁରୀ:** ଆସନ୍ତା ୧୬ଜୁନ୍ ରୁ ପୁରୀ ର ସ୍ୱର୍ଣ୍ଣାଭ ବେଳାଭୂମିରେ ଆରମ୍ଭ ହେବ ପାଞ୍ଚଦିନ ବ୍ୟାପି ୨୩ତମ ଲୋକମେଳା ଓ ୧୬ତମ କୃଷିମେଳା, ଜୁନ୍ ୨୦ ରେ ଉଦଯାପିତ ହେବ।ଏହି ଲୋକମେଳା ରେ ଭାରତବର୍ଷ ର କୋଡ଼ିଏଟି ରାଜ୍ୟରୁ ଛ'ଶହ ଲୋକନୃତ୍ୟ ଶିଳ୍ପୀ ଯୋଗ ଦେଉଥିବା ବେଳେ,ଭାରତ ସରକାର ଓ ରାଜ୍ୟ ସରକାରଙ୍କ କୃଷି, ମତ୍ସ୍ୟ ଓ ପଶୁପାଳନ, ପାଣିପାଗ ବିଭାଗ କୃଷିମେଳାରେ ଯୋଗଦେବେ। ଏହି ଉତ୍ସବରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ , କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ,ଜୁଏଲୋ ଓରାମ , ଅଶ୍ୱିନି ବୈଷ୍ଣବ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ , ପ୍ରଭାତୀ ପରିଡା,ଆଇନମନ୍ତ୍ରୀ ପୃଥୀରାଜ ହରିଚନ୍ଦନ , ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ , ସାଂସଦ ଡ଼ ସମ୍ବିତ ପାତ୍ର , ଶୁବାସିଷ ଖୁଣ୍ଟିଆ ,ରାଜ୍ୟ କୃଷି ସଚିବ ତଥା ଶ୍ରୀଜଗନ୍ନାଥ ମନ୍ଦିର ର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ସମେତ କେନ୍ଦ୍ର ଓ ରାଜ୍ୟ ର ବିଭିନ୍ନ ବିଭାଗ ର ସଚିବ, ବିଧାୟକ ଯୋଗଦେବେ ବୋଲି ଶ୍ରୀଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ବୀର ହରେକୃଷ୍ଣପୁର ର ବିରଜାଇ ପୀଠ ପ୍ରସ୍ତୁତି କମିଟି ରେ ଘୋଷଣା କରିଛନ୍ତି ସଭାପତି ଡକ୍ଟର ହରେକୃଷ୍ଣ ଶତପଥୀ, ମୁଖ୍ୟ ଉପଦେଷ୍ଟା ତଥା ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ସଂପାଦକ ରାଜେଶ କୁମାର ମହାନ୍ତି। ଏହି ପ୍ରସ୍ତୁତି କମିଟିରେ ବିଜେପି ଜିଲ୍ଲା ସଭାପତି ଡାକ୍ତର ଦେବେନ୍ଦ୍ର ନାଥ ତରେଇ, ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନଘାଟୀର ନିର୍ଦ୍ଦେଶକ ପ୍ରସନ୍ନ କୁମାର ଦାସ, ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ,ମାଧବ ଚନ୍ଦ୍ର ପୂଜାପଣ୍ଡା, ଡକ୍ଟର କୈଳାଶ ଚନ୍ଦ୍ର ଟିକାୟତରାୟ, ଡକ୍ଟର ବଦ୍ରି ମିଶ୍ର, ମନୋଜ ରଥ, ଭରତ ନାୟକ, ଭକ୍ତ ଚରଣ ଦାସ,ବିଦ୍ରୋହ ସିଂ, ବିଜେପି ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାସ, ଡଃ ଭାସ୍କର ମିଶ୍ର, ଡଃ ପ୍ରଦ୍ୟୁମ୍ନ ସାଠୁଆ,ହୁଲାଶ ଚନ୍ଦ୍ର ଜେନା, ପ୍ରଧାନ ଧୀରେନ୍ଦ୍ର ରାୟ, ବିନୋଦ କୁମାର ପ୍ରଧାନ,ନାରାୟଣ ପାତ୍ର, ସତ୍ୟବ୍ରତ ଦାସ, ସୌମ୍ୟରଞ୍ଜନ ମିଶ୍ର, ଶ୍ୟାମ ପ୍ରକାଶ ସେନାପତି, ଗୌତମ ମିଶ୍ର, ପୂର୍ଣ୍ଣଚନ୍ଦ୍ର ଓଝା, ତାରା ପ୍ରସାଦ ଦାସ, ନୃସିଂହ ଚରଣ ଦାସ, ଦେବେନ୍ଦ୍ର ମହାପାତ୍ର, ଶ୍ୟାମ ପ୍ରକାଶ ସାହୁ, ପ୍ରତାପ କୁମାର ଦଳେଇ, ସୁନିଲ କୁମାର ରଥ, ମାନସ ରଞ୍ଜନ ଚକ୍ର, ନିରଞ୍ଜନ ମହାରଣା ,ରାମ ଚନ୍ଦ୍ର ସାହୁ, ପୁଷ୍କର ସାହୁ ଓ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ପ୍ରସ୍ତୁତି ର ରୂପରେଖ ନିର୍ଦ୍ଧାରଣ କରିଥିଲେ। ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ଏହି ମେଳା ସମୃଦ୍ଧ ଓ ଆକର୍ଷଣୀୟ ହେବ ବୋଲି ବିଜେପି ଜିଲ୍ଲା ସଭାପତି ଡାକ୍ତର ଦେବେନ୍ଦ୍ର ନାଥ ତରେଇ ଘୋଷଣା କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ଶ୍ୟାମପ୍ରକାଶ ସେନାପତି।ପାଞ୍ଚ ଦିନ ବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଦେଶବିଦେଶର ଲକ୍ଷାଧିକ ଦର୍ଶକ ସମବେତ ହେବାର ସମ୍ଭାବନା ଥିବାରୁ,ଏହାର ସଫଳ ରୂପାୟନ ଓ ଏହାକୁ ଶୃଙ୍ଖଳିତ କରିବା ପାଇଁ ଖୁବ୍ ଶୀଘ୍ର ଜିଲ୍ଲା ପ୍ରଶାସନ ସହ ଏକ ବୈଠକ କରାଯିବ ଓ ଆଗାମୀ ରଥଯାତ୍ରା କୁ ଦୃଷ୍ଟିରେ ରଖି ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ରାଜ୍ୟ ର କଳାକାର ମାନେ ବେଳାଭୂମି ସଫେଇ କରିବେ ବୋଲି ଅନୁଷ୍ଠାନ ର ସଂପାଦକ ରାଜେଶ କୁମାର ମହାନ୍ତି ପ୍ରକାଶ କରିଛନ୍ତି।

# ମଣିବିମାନରେ ଭଉଁରି ଖେଳିଲେ ଚତୁର୍ଦ୍ଧାମୂର୍ତ୍ତି



**ପୁରୀ:** ଭଉଁରି ଖେଳିବାକୁ ମଣିବିମାନରେ ଝୁଲିଝୁଲି ଆସୁଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ଭୂଦେବୀ ଓ ଶ୍ରୀଦେବୀ। ବିମାନକୁ ଘେରି ରହି ନୃତ୍ୟରେ ତଲ୍ଲୀନ ହୋଇଯାଉଥିଲେ ସହଚରୀବୃନ୍ଦ। ଭାବ ବିନୋଦିଆଙ୍କୁ ଜଳକ୍ରୀଡ଼ା ପାଇଁ ପାଛୋଟି ନେବା ବେଳେ ଭାବରେ ଭିଜୁଥିଲେ ସଂକୀର୍ତ୍ତନିଆଙ୍କଠୁ ନେଇ କୁନି କଳାକାରବୃନ୍ଦ। ସୁସଜ୍ଜିତ ପାଲିଙ୍କିରେ ଶୋଇ ଶୋଇ ବିରାଜମାନ କରୁଥିଲେ ରାମ-କୃଷ୍ଣ। ପଛେପଛେ ପହଞ୍ଚିଥିଲେ ପଞ୍ଚପାଣ୍ଡବ ମହାଦେବ ଶ୍ରୀଯମେଶ୍ୱର, ଶ୍ରୀମାର୍କଣ୍ଡେୟ, ଶ୍ରୀଲୋକନାଥ, ଶ୍ରୀକପାଳମୋଚନ ଓ ଶ୍ରୀନୀଳକଣ୍ଠ। ବଡ଼ଦାଣ୍ଡ ପାଲଟିଯାଇଥିଲା ଭୂସ୍ୱର୍ଗ। ମହାପ୍ରଭୁଙ୍କ ଏହି ଦିବ୍ୟଲୀଳା ଦର୍ଶନ କରିବାକୁ ଉତ୍ସବମୁଖର ହୋଇଥିଲା ବଡ଼ଦାଣ୍ଡ। ଏହି ଲୀଳା ଦେଖିବାକୁ ଶ୍ରୀମନ୍ଦିରରୁ ନରେନ୍ଦ୍ର ପୁଷ୍କରିଣୀ ପର୍ଯ୍ୟନ୍ତ ୪୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଆଜି ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରାର ଥିଲା ୨୦ତମ ଦିବସ। ଆଉ ମାତ୍ର ଦିନକ ପରେ ବାହାର ଚନ୍ଦନ ଯାତ୍ରା ଶେଷ ହେବ। ମହାପ୍ରଭୁଙ୍କ ଏହି ୨୧ ଘେରା ଜଳକ୍ରୀଡ଼ା ଦେଖିଲେ ୮୪ ଯୋନିରୁ ମୁକ୍ତି ପାଇବାର ବିଶ୍ୱାସ ରହିଛି। ଚନ୍ଦନ ଯାତ୍ରାର ଆରମ୍ଭ ଦିନ ଅପେକ୍ଷା ଆଜି ସର୍ବାଧିକ ଭକ୍ତଙ୍କ ସମାଗମ ପରିଲକ୍ଷିତ ହୋଇଥିଲା। ବାମଦେବ ସଂହିତାରେ ଭଉଁରିର ଶାସ୍ତ୍ରୀୟ ନାମ ଜଳଭ୍ରମଣିକା ଯାତ୍ରା ଭାବେ ଅଭିହିତ କରାଯାଇଛି। ଏହି ୨୧ ଘେରା ନୌବିହାରକୁ ଦର୍ଶନ କଲେ ମନୁଷ୍ୟର ବିଂଶୋତ୍ତରୀ ଦଶାଭୋଗ ସୁଖଦ ହୋଇଥାଏ ବୋଲି କୁହାଯାଏ। ଆଜିର ଦିବ୍ୟ ଦର୍ଶନ ସାଙ୍ଗକୁ ବିଶାଳ ପଟୁଆର ଦୃଷ୍ଟି ଆକର୍ଷଣ କରିଥିଲା। ୫ଟା ୧୦ରେ ରାମକୃଷ୍ଣ ଆଜ୍ଞାମାଳ ପାଇ ପାଲିଙ୍କିକୁ ବିଜେ କରିଥିଲେ। ୫ଟା ୧୫ରେ ମଦନମୋହନ ଜୟବିଜୟ ଦ୍ୱାରକୁ ବିଜେ କରିଥିଲେ।

# ରଥଯାତ୍ରା ପାଇଁ ମୁତୟନ ହେବେ ଘରୋଇ ସୁରକ୍ଷା କର୍ମୀ

## ଖର୍ଚ୍ଚ ହେବ ୧୪ ଲକ୍ଷ ଟଙ୍କା



ପୁରୀ: ଘରୋଇ ସୁରକ୍ଷା କର୍ମୀ ମୁତୟନ ହେବେ। ରଥଯାତ୍ରା ବେଳେ ବିଭିନ୍ନ ପାର୍କିଂସ୍ଥଳ ଜଗିବେ। ଯାନବାହନ ନିୟନ୍ତ୍ରଣରେ ସାହାଯ୍ୟ କରିବେ। ଏଥିପାଇଁ ଖର୍ଚ୍ଚ ହେବ ୧୪ ଲକ୍ଷ ୧୬ ହଜାର ଟଙ୍କା। ରଥଯାତ୍ରା ଇତିହାସରେ ଏଭଳି ପ୍ରଥମ ଘଟଣା ଘଟିବାକୁ ଯାଉଛି। ରଥଯାତ୍ରା ପ୍ରସ୍ତୁତି ବୈଠକରେ ଏଭଳି ନିଷ୍ପତ୍ତି ହେବା ପରେ ପୁରୀ ଏସ୍‌ପି ଅତିରିକ୍ତ ଡିଜିଙ୍କୁ ଚିଠି ଲେଖିଛନ୍ତି। ବୈଠକର ନିଷ୍ପତ୍ତି ମୁତାବକ ଘରୋଇ ସଂସ୍ଥାଙ୍କଠାରୁ ଟେଣ୍ଡର ଆହ୍ୱାନ କରିବାକୁ ଅନୁମତି ମାଗିଛନ୍ତି। ତେବେ ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଘରୋଇ ସଂସ୍ଥାଙ୍କ ନାମରେ ସୁରକ୍ଷାକର୍ମୀଙ୍କୁ ନିଯୁକ୍ତି ଦେଇ ମୋଟାଅଙ୍କର ହାତଗୁଞ୍ଜା ହାତେଇବା ପାଇଁ ଯୋଜନା ହୋଇଥିବା ଅଭିଯୋଗ ହୋଇଛି। ରଥଯାତ୍ରାରେ ହଜାର ହଜାର ଗାଡ଼ି ପୁରୀ ଆସେ। ସେମାନଙ୍କ ପାର୍କିଂ ପାଇଁ ସହରର ଉପକଣ୍ଠରେ ବିଭିନ୍ନ ଜାଗାରେ ବ୍ୟବସ୍ଥା ହୁଏ। ଛକ ଜାଗାମାନଙ୍କରେ ପୁଲିସ ଛିଡ଼ା ହୋଇ ପାର୍କିଂ ଜାଗାକୁ ଗାଡ଼ିଗୁଡ଼ିକୁ ପଠାଇ ଦିଏ। ପାର୍କିଂରେ ଗାଡ଼ି ରଖି ଭକ୍ତମାନେ ବଡ଼ଦାଣ୍ଡରେ ପହଞ୍ଚିଥାନ୍ତି। କିନ୍ତୁ ପାର୍କିଂ ଜାଗାରେ ଏହି ଘରୋଇ ସୁରକ୍ଷାକର୍ମୀଙ୍କର କ'ଣ ଆବଶ୍ୟକତା ପଡ଼ିଲା ସେ ନେଇ ପ୍ରଶ୍ନ ଉଠିଛି। ପୁଲିସ କହୁଛି କି ଗାଡ଼ିଗୁଡ଼ିକର ସୁରକ୍ଷାର ଆବଶ୍ୟକତା ରହିଛି। ପାର୍କିଂ ଜାଗାରେ ଅନେକ ସମୟରେ ଗାଡ଼ିଗୁଡ଼ିକ ନିରାପଦରେ ରହୁ ନଥିବାରୁ ଏଭଳି ବ୍ୟବସ୍ଥା କରାଯାଇଛି।

# ରଥଯାତ୍ରାରେ ପାର୍କିଂସ୍ଥଳ ଜଗିବେ ସୁରକ୍ଷାକର୍ମୀ

ପୁରୀ: ଚଳିତ ରଥଯାତ୍ରାରେ ପାର୍କିଂକୁ ନେଇ ସମସ୍ୟା ରହିବ ନାହିଁ। ପାର୍କିଂକୁ ସୁରକ୍ଷା କର୍ମୀ ଜଗିବାର ବ୍ୟବସ୍ଥା କରାଯାଇଛି। ଗୋଟିଏ ପାର୍କିଂ ଜାଗାରେ ଯଦି ଦୁଇ ଜଣ ସୁରକ୍ଷାକର୍ମୀ ରୁହନ୍ତି ତେବେ ୧୦ଟି ଜାଗାରେ ୨୦ ଜଣ ରହିବେ। ୨୦ ଜଣଙ୍କୁ ୯ ଦିନ ପାଇଁ ୧୪ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ଯଦି ଅଧିକ ସୁରକ୍ଷା କର୍ମୀ ନେବେ ତେବେ ସ୍ଥାନୀୟ ଯୁବକଙ୍କୁ ସୁଯୋଗ ଦିଅନ୍ତୁ। ସେମାନେ ରୋଜଗାରକ୍ଷମ ହେବେ। ପାର୍କିଂ ଜାଗାରେ ସିସିଟିଭି ଲଗାଇଲେ ସୁରକ୍ଷା ବଢ଼ିବ ଓ କମ୍ ଖର୍ଚ୍ଚ ହେବ। ସୁରକ୍ଷା କର୍ମୀଙ୍କ ପିଛା ଏତେ ଟଙ୍କା ଖର୍ଚ୍ଚ କରିବା ବୁଦ୍ଧିମତାର କାମ ନୁହେଁ। ଜଣେ ସରକାରୀ ଅଧିକାରୀ କହିଛନ୍ତି, ଲୋକଙ୍କୁ ଦେଖାଇବା ପାଇଁ କେବଳ ଟେଣ୍ଡର ହେବ।

# ପ୍ରତି ରଥ ପାଇଁ ନିର୍ଦ୍ଧାରିତ ହେବ ପହଣ୍ଡି ଦଳ

## ଅନଧିକୃତ ବ୍ୟକ୍ତି ରଥରେ ଚଢ଼ିଲେ ଫୌଜଦାରୀ ମକଦ୍ଦମା



ପୁରୀ: ବ୍ୟବସ୍ଥିତ ହେବ ଶ୍ରୀବିଗ୍ରହଙ୍କ ପହଣ୍ଡି। ପ୍ରତ୍ୟେକ ରଥରେ ଠାକୁରଙ୍କ ପହଣ୍ଡି ପାଇଁ କେତେ ସଂଖ୍ୟାରେ ସେବକ ରହିବେ, ତାହା ନିରୂପଣ କରାଯିବ। ପ୍ରତି ରଥ ପାଇଁ ଏକ ସ୍ୱତନ୍ତ୍ର ପହଣ୍ଡି ଦଳ ଗଠନ କରାଯିବ। ଅଭିଜ୍ଞତାକୁ ଗୁରୁତ୍ୱ ଦିଆଯିବ। ବୈଷୟିକ ଦିଗକୁ ମଧ୍ୟ ଗୁରୁତ୍ୱ ଦିଆଯିବ। ଗତବର୍ଷ ଆଡ଼ପମଣ୍ଡପକୁ ବିଜେ ବେଳେ ମହାପ୍ରଭୁ ଶ୍ରୀବଳଭଦ୍ର ପଡ଼ିଯିବା ଘଟଣା ପରେ ଏଥର ପହଣ୍ଡି ଶୃଙ୍ଖଳାକୁ ବିଶେଷ ଗୁରୁତ୍ୱ ଦେଇଛି ପ୍ରଶାସନ। ଏ ସଂକ୍ରାନ୍ତରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ହୋଇଥିବା ଉଚ୍ଚସ୍ତରୀୟ (ଅଧିକାରୀ ତଥା ଏକ୍ସ ଅଫିସିଓ) ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ.ଅରବିନ୍ଦ ପାଢ଼ୀ କହିଛନ୍ତି, ଗତବର୍ଷ ଆଡ଼ପ ପହଣ୍ଡି ଅଘଟଣର ଯେପରି ପୁନରାବୃତ୍ତି ନହୁଏ ସେନେଇ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି। ପ୍ରତ୍ୟେକ ରଥ ପାଇଁ ପହଣ୍ଡି ଦଳ ସହ ପହଣ୍ଡି ବେଳେ କେତେ ସେବକ ରହିବେ ତା'ର ସଂଖ୍ୟା ନିରୂପଣ କରାଯିବ। ଶ୍ରୀମନ୍ଦିର ପ୍ରଶାସନକୁ ଏହି ଦାୟିତ୍ୱ ଦିଆଯାଇଛି। ଜିଲ୍ଲାପାଳ ତଥା ଉପମୁଖ୍ୟ ପ୍ରଶାସକ, ସମ୍ପୃକ୍ତ ସେବାୟତ ନିଯୋଗର ପ୍ରତିନିଧିଙ୍କ ସହିତ ବାଡ଼ଗ୍ରାହୀ, ଅନ୍ୟ ସେବା ସମ୍ପୃକ୍ତ ନିଯୋଗ ସହ ଏ ସମ୍ପର୍କରେ ଆଲୋଚନା କରାଯିବ।

# ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ



ପୁରୀ: କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଗୁରୁବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସହ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ କରିଛନ୍ତି। କୃଷି ସଚିବ ଏବଂ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଅରବିନ୍ଦ କୁମାର ପାଢୀଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ଶିବରାଜ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓଙ୍କ ସହିତ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରି ପ୍ରାର୍ଥନା କରି ଆଶୀର୍ବାଦ ଲୋଡ଼ିଥିଲେ। ଦର୍ଶନ ପରେ, ଶିବରାଜ ଗଣମାଧ୍ୟମ ସହିତ ଆଲୋଚନା କରିଥିଲେ। ପୁରୀରୁ କେନ୍ଦ୍ର ସରକାରଙ୍କ କୃଷି ସଂକଳ୍ପ ଅଭିଯାନର ଶୁଭାରମ୍ଭ ବିଷୟରେ ସୂଚନା ପ୍ରଦାନ କରିଥିଲେ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେବା ପରେ, କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ସାକ୍ଷୀଗୋପାଳ କୃଷି ବିଜ୍ଞାନ କେନ୍ଦ୍ରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଲେଖିଛନ୍ତି, ଆଜି ମାନନୀୟ କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ସହିତ ପୁରୀର ପବିତ୍ର ଶ୍ରୀଜଗନ୍ନାଥ ମନ୍ଦିରକୁ ଏକ ଆଧାମ୍ନିକ ସମୃଦ୍ଧିଶୀଳ ଗସ୍ତରେ ଯାଇଥିଲି। କୃଷି ସଂକଳ୍ପ ଅଭିଯାନ ଆରମ୍ଭ ହେବା ପୂର୍ବରୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିଲି। ସମସ୍ତଙ୍କ ମଙ୍ଗଳ ପାଇଁ ମହାପ୍ରଭୂ ଜଗନ୍ନାଥଙ୍କ ନିକଟରେ ହୃଦୟର ସହିତ ପ୍ରାର୍ଥନା କରିଥିଲି ଏବଂ ଓଡ଼ିଶାବାସୀଙ୍କ ପାଇଁ ଗଭୀର ଭାବରେ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ଗଣମାଧ୍ୟମ ସହିତ ମତାମତ ପ୍ରଦାନ କରିଥିଲି।

# ଗୋବର୍ଦ୍ଧନ ପୀଠର ହେବ ସଂରକ୍ଷଣ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ପୁରୀ ଶଙ୍କରାଚାର୍ଯ୍ୟଙ୍କ ଗୋବର୍ଦ୍ଧନ ପୀଠର ସଂରକ୍ଷଣ ଓ ବିକାଶ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଗୋବର୍ଦ୍ଧନ ପୀଠର ସୁରକ୍ଷା ଓ ସଂରକ୍ଷଣ, ସମସ୍ତ ପୂର୍ବାଚାର୍ଯ୍ୟମାନଙ୍କ ସମାଧିସ୍ଥଳର ସୁରକ୍ଷା, ପୂଜ୍ୟ ଜଗଦଗୁରୁଙ୍କ ସୁରକ୍ଷା ବ୍ୟବସ୍ଥା, ମଠ ପରିସରରେ ଥିବା ଗୋବର୍ଦ୍ଧନ ଗୋଶାଳାର ବିକାଶ, ମହୋଦଧି ସନ୍ଧ୍ୟା ଆରତୀ ସ୍ଥଳର ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା। ସନାତନ ଧର୍ମର ସୁରକ୍ଷା ତଥା ଅଦୈତ ବେଦାନ୍ତର ପ୍ରଚାର ପାଇଁ କାର୍ଯ୍ୟ କରୁଥିବା ଗୋବର୍ଦ୍ଧନ ପୀଠର ଉନ୍ନତି ପାଇଁ ଶଙ୍କରାଚାର୍ଯ୍ୟ ପୀଠ ଟ୍ରଷ୍ଟ ବୋର୍ଡର ସଦସ୍ୟ ମାନଙ୍କୁ ଆବଶ୍ୟକୀୟ କାର୍ଯ୍ୟ ସମ୍ବନ୍ଧରେ ସରକାରଙ୍କୁ ଜଣାଇବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ପୀଠର ଉନ୍ନତି ପାଇଁ ସବୁ ବିଭାଗ ତଥା ଜିଲ୍ଲା ପ୍ରଶାସନର ସମନ୍ୱୟରେ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୂଜ୍ୟ ଜଗଦଗୁରୁଙ୍କ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ମଠର ପାରିପାର୍ଶ୍ୱିକ ବିକାଶ ସମ୍ପର୍କରେ ଏକ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ମଧ୍ୟ ଜିଲ୍ଲାପାଳଙ୍କୁ କହିଥିଲେ। ଏଥିସହିତ ମହୋଦଧି ସନ୍ଧ୍ୟା ଆଳତୀ ସ୍ଥଳକୁ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ଅଧିକ ଆକର୍ଷଣୀୟ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀ କହିଥିଲେ। ପୁରୀ ଗୋବର୍ଦ୍ଧନ ପୀଠର ବିକାଶ ପାଇଁ ଯାହା ଯାହା ଆବଶ୍ୟକତା ରହିଛି ସମସ୍ତ କାର୍ଯ୍ୟକୁ ଗୁରୁତ୍ୱର ସହ ନେଇ ସମ୍ପନ୍ନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

# ପୁରୀ ବିଶ୍ୱବିଦ୍ୟାଳୟ ପାଇଁ ଜମି ମାଗିଲେ ବେଦାନ୍ତ ମୁଖ୍ୟ



ଭୁବନେଶ୍ୱର: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ଉପରେ ଲଗାଇଥିବା କଟକଣା ଭାରତ ପାଇଁ ଉଚ୍ଚ ଶିକ୍ଷା କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି କରିଥିବା ବେଦାନ୍ତ ଲିମିଟେଡ୍‌ର ମୁଖ୍ୟ ଅନୀଲ ଅଗ୍ରୱାଲ୍ କହିଛନ୍ତି। ଏହି ବାହାନାରେ ସେ ନିଜର ମହତ୍ୱକାଂକ୍ଷୀ ପୁରୀ ବିଶ୍ୱବିଦ୍ୟାଳୟ ପ୍ରକଳ୍ପ କଥା ମନେ ପକାଇ ସେଥିପାଇଁ ଜମି ମାଗିଛନ୍ତି। ସୋସିଆଲ ମିଡିଆ 'ଏକ୍ସ' (ପୂର୍ବରୁ ଟ୍ୱିଟର)ରେ ସେ ଲେଖିଛନ୍ତି ଯେ ଆମକୁ ବି ହାର୍ଭାର୍ଡ ଓ ଏମ୍‌ଆଇଟି ଭଳି ଶିକ୍ଷାନୁଷ୍ଠାନ ଗଢ଼ିବାକୁ ପଡ଼ିବ। ଓଡ଼ିଶାର ପୁରୀରେ ସେଭଳି ଏକ ଅନୁଷ୍ଠାନ କରିବାକୁ ବେଦାନ୍ତ ଯୋଜନା ରଖିଛି। ତାହା ଏକ ଅଣ ଲାଭଜନକ ଓ ଡିଜିଟାଲ୍-ପ୍ରଥମ ବିଶ୍ୱବିଦ୍ୟାଳୟ ହେବ। ସେଥିରେ ଦେଶବିଦେଶର ଶ୍ରେଷ୍ଠ ଫାକଲ୍?ଟି ଓ ଛାତ୍ରଛାତ୍ରୀ ରହିବେ। ଆର୍ଥିକ ସ୍ତରରେ ସ୍ୱଚ୍ଛଳ ନଥିବା ବର୍ଗର ଛାତ୍ରଛାତ୍ରୀମାନଙ୍କୁ ପଢ଼ିବା ଲାଗି ସମ୍ପୂର୍ଣ୍ଣ ଆର୍ଥିକ ସହାୟତା ପ୍ରଦାନ କରାଯିବ। ବୃହତ୍ ବିଶ୍ୱବିଦ୍ୟାଳୟ ଗଢ଼ିବା ଲାଗି ଜମି ଏକ ପ୍ରତିବନ୍ଧକ ହେବା ଅନୁଚିତ ବୋଲି ସେ ଲେଖିଛନ୍ତି। ସମାଜକୁ ଏହାର ଉଲ୍ଲେଖନୀୟ ଲାଭ ମିଳିବ। ଜ୍ଞାନ ଓ ଗବେଷଣାର ନେତୃତ୍ୱ ନେବା ଲାଗି ଅନ୍ୟ ଦେଶ ହାତଛଡ଼ା କରୁଥିବା ସୁଯୋଗକୁ ହାତେଇବା ଲାଗି ସେ ଆହ୍ୱାନ ଦେଇଛନ୍ତି।

# 'ରତ୍ନଭଣ୍ଡାର ମରାମତି କାମ ସରିଲେ ମହାପ୍ରଭୁଙ୍କ ଅଳଙ୍କାର ସ୍ଥାନାନ୍ତର ହେବ'



ପୁରୀ: ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରତ୍ନଭଣ୍ଡାର ମରାମତି କାମ ଜାରି ରହିଛି। ଏହି କାମ ଆଗାମୀ ଅକ୍ଷୟ ତୃତୀୟା (ଅପ୍ରେଲ ୩୦) ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ମରାମତି କାର୍ଯ୍ୟ ସମାପ୍ତ ହେଲା ପରେ ମହାପ୍ରଭୁଙ୍କର ସୁନା ଏବଂ ଅଳଙ୍କାର ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହେବ। ଜଗନ୍ନାଥ ମନ୍ଦିରର ରତ୍ନଭଣ୍ଡାରର ମରାମତି ଏବଂ ସଂରକ୍ଷଣ କାମ ଆସନ୍ତା ଏକ ମାସ ମଧ୍ୟରେ ସମାପ୍ତ ହେବ। ଏନେଇ ଯାଞ୍ଚ କମିଟିର ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଜଷ୍ଟିସ ରଥ କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ଏବଂ ଏଏସଆଇ କାର୍ଯ୍ୟର ଶୀଘ୍ର ସମାପ୍ତି ପାଇଁ ସମସ୍ତ ପ୍ରୟାସ କରୁଛନ୍ତି, ଯାହାକି ଆହୁରି ୭୫ ଏବଂ ୧୦୦ ବର୍ଷ ପାଇଁ ଭଣ୍ଡାରର ଗଠନକୁ ସୁରକ୍ଷିତ ରଖିପାରିବ। ଭିତର ଭଣ୍ଡାରର ମରାମତି କାମ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଛି। ଭିତର ଏବଂ ବାହାର ଭଣ୍ଡାରକୁ ସଂଯୋଗ କରୁଥିବା ପାଞ୍ଚଟି ଜୀର୍ଣ୍ଣ ବିମ୍‌କୁ ମଧ୍ୟ ଦୃଢ଼ ଷ୍ଟିଲ ବିମ୍ ସହିତ ବଦଳାଯାଇଛି। ବାହାର ଭଣ୍ଡାରର କାମ ଆରମ୍ଭ ହୋଇଯାଇଛି। ଆସନ୍ତା ରଥଯାତ୍ରା ପାଇଁ ରୀତିନୀତି ଯୋଗୁଁ କାମ ବେଳେବେଳେ ପ୍ରଭାବିତ ହେଉଛି।

# ବର୍ଷକୁ ୪୬ ଲକ୍ଷ ଯାତ୍ରୀଙ୍କୁ ସୁବିଧା ଦେବ ଶ୍ରୀଜଗନ୍ନାଥ ବିମାନବନ୍ଦର !



ଭୁବନେଶ୍ୱର: ପୁରୀରେ ବିମାନବନ୍ଦର ନିର୍ମାଣ କାମକୁ ଆହୁରି ବଳ ମିଳିପାରିଛି। କେନ୍ଦ୍ର ସରକାର ଏହି ପ୍ରକଳ୍ପକୁ ନୀତିଗତ ଅନୁମୋଦନ ପ୍ରଦାନ କଲା ପରେ ଦେଶ-ବିଦେଶର ପର୍ଯ୍ୟଟକଙ୍କ ମନରେ ନୂତନ ଆଶା ସଞ୍ଚାର ହୋଇଛି। ଏହି ବିମାନବନ୍ଦର ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲା ପରେ ବର୍ଷକୁ ୪୬ ଲକ୍ଷ ଯାତ୍ରୀଙ୍କୁ ସୁବିଧା ପ୍ରଦାନ କରିବ ବୋଲି ରାଜ୍ୟ ସରକାର ଆଶା ପ୍ରକଟ କରିଛନ୍ତି। ଅର୍ଥାତ ପ୍ରତିମାସ ଏହି ବିମାନବନ୍ଦର ପ୍ରାୟ ୪ ଲକ୍ଷ ପର୍ଯ୍ୟଟକ ଓ ଜଗନ୍ନାଥଙ୍କ ଭକ୍ତଙ୍କୁ ସେବା ପ୍ରଦାନ କରିବ। ଓଡିଶାରେ ପର୍ଯ୍ୟଟନ କ୍ଷେତ୍ରରେ ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାର ପୁରୀଠାରେ ଏକ ନୂତନ ଗ୍ରୀନଫିଲ୍ଡ ବିମାନବନ୍ଦର ନିର୍ମାଣ ପାଇଁ କେନ୍ଦ୍ର ସରକାର ନୀତିଗତ ଅନୁମୋଦନ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ, ଶ୍ରୀଜଗନ୍ନାଥ ବିମାନବନ୍ଦର ନାମରେ ନାମିତ ଏହି ମହତ୍ୱାକାଂକ୍ଷୀ ଭିତ୍ତିଭୂମି ପ୍ରକଳ୍ପଟି ୫,୬୩୧ କୋଟି ଟଙ୍କା ମୂଲ୍ୟରେ ୧,୧୬୪ ଏକର ଜମିରେ ବିକଶିତ ହେବ। ଏହି ନିର୍ମାଣ କାର୍ଯ୍ୟ ୩ଟି ପର୍ଯ୍ୟାୟରେ ହେବାକୁ ଯାଉଥିବା ବେଳେ ଏହା ସମ୍ପୂର୍ଣ୍ଣ ହେବା ପରେ ବାର୍ଷିକ ୪୬ ଲକ୍ଷ ଯାତ୍ରୀଙ୍କ ବିମାନ ଯାତାୟତ ପାଇଁ ସୁବିଧା ପ୍ରଦାନ କରିବ। ଏହି ବିମାନବନ୍ଦର ଦ୍ୱାରା ରାଜ୍ୟରେ ଆଞ୍ଚଳିକ ସଂଯୋଗୀକରଣ ବୃଦ୍ଧିହେବା ସହିତ ରାଜ୍ୟରେ ଆର୍ଥିକ ଅଭିବୃଦ୍ଧିକୁ ଏକ ନୂତନ ଗତି ମିଳିବ ଏବଂ ପବିତ୍ର ପୁରୀ ସହର ତୀର୍ଥ ଯାତ୍ରୀ ଓ ପର୍ଯ୍ୟଟକଙ୍କ ପାଇଁ ସୁଗମ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଶା ପ୍ରକାଶ କରିଛନ୍ତି।

# ବିକଶିତ କୃଷି ସଂକଳ୍ପ ଅଭିଯାନ, ବିକଶିତ ଭାରତର ଆଧାର



**ଶିବରାଜ ସିଂହ ଚୌହାନ**
କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ, ଭାରତ ସରକାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅନୁଭବୀ ନେତୃତ୍ୱରେ ଭାରତୀୟ କୃଷି ନିରନ୍ତର ପ୍ରଗତି ପଥରେ ଆଗକୁ ଅଗ୍ରସର ହୋଇଚାଲିଛି। ପ୍ରଧାନମନ୍ତ୍ରୀଙ୍କ ଦୂରଦର୍ଶୀ ଚିନ୍ତାଧାରା ଏବଂ କୃଷକ କଲ୍ୟାଣ ପ୍ରତି ସମର୍ପିତ ଐତିହାସିକ ନିର୍ଣ୍ଣୟ ଦ୍ୱାରା ଆମ ଦେଶର କୃଷକ ଭାଇ ଓ ଭଉଣୀମାନଙ୍କୁ ସମୃଦ୍ଧ ଏବଂ ସଶକ୍ତ କରାଯାଇପାରିଛି। ଏହା ସହିତ 'ବିକଶିତ ଭାରତ'ର ଯେଉଁ ମହାନ୍ ସଂକଳ୍ପ ଗ୍ରହଣ କରାଯାଇଛି ତାହାକୁ ନୂତନ ଶକ୍ତି ଏବଂ ସାମର୍ଥ୍ୟ ମିଳିପାରିଛି। ଆଜି ଆମର ଅନ୍ନଦାତାମାନେ କେବଳ ଦେଶର ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିନାହାନ୍ତି, ଅପରପକ୍ଷେ ବିଶ୍ୱର ଅନେକ ଦେଶକୁ ମଧ୍ୟ ଖାଦ୍ୟାନ୍ନ ରପ୍ତାନି କରିବାର ଗୌରବ ଭାରତକୁ ପ୍ରଦାନ କରିଛନ୍ତି। କୃଷି ବିକଶିତ ହେବ ଏବଂ କୃଷକମାନେ ଆତ୍ମନିର୍ଭର ହୋଇପାରିବେ, ବିଜ୍ଞାନାଗାରରେ ହେଉଥିବା ଗବେଷଣା କାର୍ଯ୍ୟ କିପରି ଉଚିତ ସମୟରେ କୃଷିକ୍ଷେତ୍ର ପର୍ଯ୍ୟନ୍ତ ପହଞ୍ଚି ପାରିବ, ଏହି ଲକ୍ଷ୍ୟକୁ ସାକାର କରିବାର ଅଭିପ୍ରାୟ ନେଇ ରାଜ୍ୟମାନଙ୍କ ସହିତ କାନ୍ଧକୁ କାନ୍ଧ ମିଳାଇ 'ଏକ ରାଷ୍ଟ୍ର, ଏକ ଟିମ୍' ଭାବରେ ସମସ୍ତ କାର୍ଯ୍ୟ ସଂପାଦନ କରାଯାଉଛି। ଦେଶକୁ ସମୃଦ୍ଧ କରିବାର ଆଧାର କୃଷି ଏବଂ କୃଷକମାନଙ୍କ ଠାରେ ନିହିତ । ଆମର କୃଷି ବୈଜ୍ଞାନିକମାନେ ଏ ଦିଗରେ ଅନେକ ଗବେଷଣା କାର୍ଯ୍ୟ ସଂପାଦନ କରିଛନ୍ତି। କୃଷି ବୈଜ୍ଞାନିକମାନଙ୍କ ଗବେଷଣା କାର୍ଯ୍ୟର ସଫଳତା ଉଚିତ ସମୟ (ରିଅଲ୍ ଟାଇମ୍)ରେ କୃଷକମାନଙ୍କ ନିକଟରେ କିପରି ପହଞ୍ଚି ପାରିବ ସେମାନଙ୍କୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମ୍ପର୍କରେ ସୂଚିତ କରିପାରିବ, ମୃତ୍ତିକାରେ ଥିବା ପୋଷକ ତତ୍ତ୍ୱ ସମ୍ପର୍କରେ ସେମାନେ କିପରି ଅବଗତ ହୋଇପାରିବେ, ଆବଶ୍ୟକ କେଉଁ ସାର କେଉଁ ସମୟରେ ଏବଂ କେତେ ମାତ୍ରାରେ ବ୍ୟବହାର କରିବେ, ଏଭଳି କୃଷି ସମ୍ପର୍କିତ ବିଭିନ୍ନ ସୂଚନା ସମ୍ପର୍କରେ ସେମାନଙ୍କୁ କିପରି ଅବଗତ କରାଯାଇପାରିବ, ଏଥ ?ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱରେ କେନ୍ଦ୍ରୀୟ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ୨୯ ମଇଠାରୁ ୧୨ ଜୁନ୍ ପର୍ଯ୍ୟନ୍ତ 'ବିକଶିତ କୃଷି ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ କରାଯାଇଛି। ଏହି ରାଷ୍ଟ୍ରବ୍ୟାପୀ ଅଭିଯାନ ମାଧ୍ୟମରେ ଦେଶର ୭୦୦ରୁ ଅଧ ?କ ଜିଲ୍ଲାରେ ହାରାହାରି ୬୫ ହଜାର ଗ୍ରାମରେ ବୈଜ୍ଞାନିକମାନଙ୍କ ୨୧୭୦ଟି ଦଳ ପହଞ୍ଚିବେ। ଏହି ଅବସରରେ ହାରାହାରି ୧.୫କୋଟି କୃଷକଙ୍କ ସହିତ ସେମାନେ ସିଧାସଳଖ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱରେ କୃଷିକୁ ଅଧିକ ବିକଶିତ ଏବଂ କୃଷକଙ୍କ ଜୀବନରେ ରଚନାତ୍ମକ ପରିବର୍ତ୍ତନ ଆଣିବା ଉପରେ ଆମେ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରୁଛୁ। 'ବିକଶିତ କୃଷି ସଂକଳ୍ପ ଅଭିଯାନ' କୌଣସି କର୍ମକାଣ୍ଡ ନୁହେଁ, ବରଂ ଏହା କୃଷକଙ୍କ ଜୀବନରେ ସମୃଦ୍ଧି ଆଣିବା ନିମନ୍ତେ ଏକ ମହାଯଜ୍ଞ ବୋଲି ବିବେଚନା କରାଯାଇପାରେ। ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର)ର ବୈଜ୍ଞାନିକ, କୃଷି ବିଜ୍ଞାନ କେନ୍ଦ୍ର (କେ.ଭି.କେ.), ରାଜ୍ୟମାନଙ୍କ କୃଷି ବିଭାଗ, କୃଷି ବିଶ୍ୱବିଦ୍ୟାଳୟ, ନବାଚାର ସହିତ ଜଡ଼ିତ ବିଭିନ୍ନ ସଂସ୍ଥାଗଣ, ସଭିଏଁ ଏକଜୁଟ ହୋଇ ଗୋଟିଏ ଟିମ୍ ଭାବରେ ଏହି 'ବିକଶିତ କୃଷି ଏବଂ ସମୃଦ୍ଧ କୃଷକ' ଲକ୍ଷ୍ୟଦିଗରେ ଆଗକୁ ଅଗ୍ରସର ହେବେ । ଏହି ଅଭିଯାନ ପ୍ରଧାନମନ୍ତ୍ରୀଜୀଙ୍କ 'ଲାବ୍-ଟୁ- ଲ୍ୟାଣ୍ଡ' ମନ୍ତ୍ରକୁ ସାକାର କରାଗଲେ କୃଷକମାନଙ୍କ ଭାଗ୍ୟ ଏବଂ ଭାରତୀୟ କୃଷିର କାୟାରେ ଆମୂଳଚୂଳ ପରିବର୍ତ୍ତନ ସମ୍ଭବପର ହୋଇପାରିବ । ବୈଜ୍ଞାନିକଗଣ ଗ୍ରାମମାନଙ୍କୁ ଯାଇ କୃଷକମାନଙ୍କ ସହିତ ସିଧାସଳଖ ଭାବ ବିନିମୟ କରିବେ ଏବଂ ସେମାନଙ୍କର କୃଷି ସମ୍ପର୍କିତ ସକଳ ପ୍ରକାର ସମସ୍ୟାର ସମାଧାନ ମନ୍ତ୍ର ପ୍ରଦାନ କରିବେ । ଏଥିସହିତ ବିଜ୍ଞାନାଗାରରେ ହେଉଥିବା ଗବେଷଣା ସମ୍ପର୍କିତ ସମସ୍ତ ତଥ୍ୟ ସୂଚନା ମଧ୍ୟ କୃଷକମାନଙ୍କୁ ପ୍ରଦାନ କରିବେ । ଏତଦଭିନ୍ନ, କୃଷକମାନଙ୍କ ଅନୁଭବରୁ ମଧ ସେମାନେ ଅନେକ କଥା ଶିକ୍ଷାଲାଭ କରିପାରିବେ ଯାହାକି କୃଷି ଅନୁସନ୍ଧାନ କାର୍ଯ୍ୟରେ ସେମାନେ ଉପଯୋଗ କରିପାରିବେ । କୃଷି ଭାରତର ଅର୍ଥବ୍ୟବସ୍ଥାର ମେରୁଦଣ୍ଡ ସଦୃଶ ଏବଂ ହାରାହାରି ୫୦ ପ୍ରତିଶତ ଜନସଂଖ୍ୟା ପ୍ରତ୍ୟକ୍ଷ କିମ୍ବା ଅପ୍ରତ୍ୟକ୍ଷ ଭାବରେ ଏହା ଉପରେ ନିର୍ଭରଶୀଳ। ଏହି କ୍ଷେତ୍ର ସାମଗ୍ରିକ ଘରୋଇ ଉତ୍ପାଦ(ଜିଡିପି) ର ହାରାହାରି ୧୮%ର ଯୋଗଦାନ କରିଥାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱରେ ଭାରତରେ ବିକାଶର ଧାରା ଦ୍ରୁତତର ହୋଇଛି ଏବଂ ଭାରତ ଏକ ବିକଶିତ ରାଷ୍ଟ୍ର ଦିଗରେ ଆଗକୁ ଅଗ୍ରସର ହେଉଛି। ଏହାଫଳରେ କୃଷି ଏବଂ ସମୃଦ୍ଧ କିଷାନଙ୍କ ଯୋଗଦାନ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ବିଗତ ୧୧ବର୍ଷ ମଧ୍ୟରେ କୃଷକମାନଙ୍କୁ ସଶକ୍ତ କରିବା ନିମନ୍ତେ ସରକାର ବିହନଠାରୁ ବଜାର ପର୍ଯ୍ୟନ୍ତ ଯେଉଁସବୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି, ତାହା କୃଷକମାନଙ୍କ ଠାରୁ କ୍ଷେତ ପର୍ଯ୍ୟନ୍ତ ସବୁଠାରେ ସୁଫଳ ପ୍ରଦାନ କରିଛି। ସମ୍ପ୍ରତି ସରକାର ଗ୍ରହଣ କରିଥିବା ନିର୍ଣ୍ଣୟ, ଯଥା- ସର୍ବନିମ୍ନ ସମର୍ଥନ ମୂଲ୍ୟ ଆଧାରରେ ଖାଦ୍ୟଶସ୍ୟ କ୍ରୟ ହୋଇଥାଉ କିମ୍ବା ପିଆଜ ଏବଂ ଚାଉଳର ରପ୍ତାନି ଶୁଳ୍କକୁ ହଟାଇ ନିଆଯିବା ହୋଇଥାଉ, ଫସଲକୁ ଜଳବାୟୁ ଅନୁକୂଳ ଏବଂ ଅଧ ?କ ଅମଳକ୍ଷମ କରିବା ଭଳି କିସମର ବିକାଶ ହେଇଥାଉ, କୃଷକମାନଙ୍କ ହିତ ସାଧନକାରୀ ଯୋଜନାମାନଙ୍କର ବିସ୍ତାରଣ ଦିଗରେ ମୋଦି ସରକାର ଦେଉଥ ?ବା ପ୍ରାଥମିକତା ସଦୈବ କିଷାନ କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଜୀଙ୍କ ନେତୃତ୍ୱରେ ଭାରତ ସମ୍ପ୍ରତି ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥବ୍ୟବସ୍ଥା ଭାବରେ ଆଗକୁ ଲମ୍ଫ ପ୍ରଦାନ କରିଛି। କୃଷି ଉତ୍ପାଦନ ସମ୍ପର୍କରେ ଯଦି ଆମେ ଆଲୋଚନା କରିବା ତେବେ ଜାଣିପାରିବା ଯେ ଏଥିରେ ଐତିହାସିକ ପରିମାଣର ବୃଦ୍ଧି ଘଟିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଦେଶରେ ଖାଦ୍ୟାନ୍ନ ଉତ୍ପାଦନ ୩୩୦୯ଲକ୍ଷ ଟନ୍ ପର୍ଯ୍ୟନ୍ତ ପହଞ୍ଚିବାର ସମ୍ଭାବନା ରହିଛି । ଖରିଫ ଋତୁରେ ଚାଉଳ ୧୨୦୬ଲକ୍ଷ ଟନ୍, ଗହମ ୧୧୫୪ଲକ୍ଷ ଟନ୍ ଏବଂ ସୋୟାବିନ ୧୫୧ଲକ୍ଷ ଟନ୍ ଉତ୍ପାଦନ ସହିତ ନୂଆ ରେକର୍ଡ ହାସଲ କରିଛି।

*(ଅବଶିଷ୍ଟାଂଶ ପୃଷ୍ଠା-୭)*

# ରାଣୀ ଅହଲ୍ୟାବାଈ ହୋଲକର: ମହିଳା ସଶକ୍ତୀକରଣ ଏବଂ ଦୃଢ଼ ନେତୃତ୍ୱର ପ୍ରତୀକ



**ପ୍ରଭାତୀ ପରିଡ଼ା**
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

ପୁରୁଷ ପ୍ରଧାନ୍ୟ ଭାରତୀୟ ସମାଜରେ ଯେଉଁ କେତେଜଣ ବୀରାଙ୍ଗନା ସାମାଜିକ ଶୃଙ୍ଖଳକୁ ଛିନ୍ନ କରି ନିଜର ଧୀଶକ୍ତି ଓ ସାମର୍ଥ୍ୟ ବଳରେ ଭାରତର ରାଜନୈତିକ ଇତିହାସରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛନ୍ତି, ସେମାନଙ୍କ ମଧ୍ୟରୁ ଅହଲ୍ୟାବାଈ ହୋଲକର ଅନ୍ୟତମ। ପୁରୁଷ ପ୍ରଧାନ୍ୟ ଭାରତୀୟ ସମାଜରେ ଯେଉଁ କେତେଜଣ ବୀରାଙ୍ଗନା ସାମାଜିକ ଶୃଙ୍ଖଳକୁ ଛିନ୍ନ କରି ନିଜର ଧୀଶକ୍ତି ଓ ସାମର୍ଥ୍ୟ ବଳରେ ଭାରତର ରାଜନୈତିକ ଇତିହାସରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛନ୍ତି, ସେମାନଙ୍କ ମଧ୍ୟରୁ ଅହଲ୍ୟାବାଈ ହୋଲକର ଅନ୍ୟତମ। ଘଟଣାବହୁଳ ଅଷ୍ଟାଦଶ ଶତାବ୍ଦୀରେ ଇନ୍ଦୋରର ହୋଲକର ରାଜବଂଶର ରାଣୀ ଭାବେ ତାଙ୍କର ଶକ୍ତିଶାଳୀ ନେତୃତ୍ୱ ସମାଜରେ ମହିଳାମାନଙ୍କର ସାମର୍ଥ୍ୟ ଓ ପରାକାଷ୍ଠାକୁ ପ୍ରମାଣିତ କରିବା ସଙ୍ଗେ ସଙ୍ଗେ ତାଙ୍କୁ ସମଗ୍ର ନାରୀଜାତିର ଆଦର୍ଶ ରୂପେ ପ୍ରମାଣିତ କରିପାରିଛି। ଏହି ମହୀୟସୀ ମହିଳାଙ୍କ ପିତା ମାଣକୋଜୀ ସିନ୍ଧେ ଓ ମାତା ସୁଶୀଳା ଦେବୀଙ୍କ ଔରସରୁ ତୃତୀୟ ସନ୍ତାନ ଭାବେ ୧୭୨୫ ମସିହା ମେ ୩୧ ତାରିଖରେ ଅହମଦନଗର ଚାଣ୍ଡୀ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ପିଲାଟି ଦିନରୁ ମହାରାଣୀଙ୍କର ଶିବ ଭକ୍ତ ଓ ବିନମ୍ରତାକୁ ଉପଲବ୍ଧି କରି ମାଲଓ୍ୱାର ସୁବେଦାର ମହ୍ଲାର ରାଓ ତାଙ୍କୁ ମାତ୍ର ୧୨ ବର୍ଷ ବୟସରେ ସୁବେଦାର ରାଜବଂଶର ବୋହୂ ଭାବେ ସ୍ୱୀକାର କରିଥିଲେ। ୧୭୪୫ ମସିହାରେ ସେ ଏକ ପୁତ୍ରସନ୍ତାନ ଓ ୧୭୪୮ ମସିହାରେ ଏକ କନ୍ୟାସନ୍ତାନ ଲାଭ କରିଥିଲେ। ସେମାନଙ୍କ ନାମ ଯଥାକ୍ରମେ ମାଲେ ରାଓ ଓ ମୁକ୍ତା ରଖାଯାଇଥିଲା। ୧୭୫୪ରେ ସ୍ୱାମୀ ଖାଣ୍ଡେରାଓଙ୍କର ରାଜସ୍ଥାନର କୁମ୍ଭେରି ଯୁଦ୍ଧରେ ମୃତ୍ୟୁ ଓ ତାପରେ ଶ୍ୱଶୁର ମହ୍ଲାର ରାଓଙ୍କ ଦେହାନ୍ତ ଏବଂ ମାତ୍ର ୨୨ ବର୍ଷ ବୟସରେ ପୁତ୍ର ମାଲେ ରାଓଙ୍କ ମୃତ୍ୟୁ ଅହଲ୍ୟାବାଈଙ୍କୁ ମାନସିକ ସ୍ତରରେ ଭାଙ୍ଗି ଦେଇଥିଲେ ମଧ ଦୃଢ଼ମନା ମହାରାଣୀ ଏହି ଘଟଣା ପରେ ପରେ ସମସ୍ତ କଷ୍ଟକୁ ନିଜ ଭିତରେ ଚାପି ରଖି ନିରନ୍ତର ଭାବେ ୨୮ ବର୍ଷ ସଫଳତାର ସହ ରାଜ୍ୟ ଶାସନ କରିଥିଲେ। ଅହଲ୍ୟାବାଈ ଶାସନ କାର୍ଯ୍ୟକୁ ସହଜ ଓ ସରଳ କରିବା ପାଇଁ ସମଗ୍ର ରାଜ୍ୟକୁ ୧୩ଟି ଦରବାରରେ ବିଭକ୍ତ କରି ପ୍ରତ୍ୟେକ ୧୦ କୋଶରେ ଗୋଟିଏ ଗୋଟିଏ ଶିବିର ନିର୍ମାଣ କରିଥିଲେ। ସେଠାରେ ଜଣେ ଲେଖାଏଁ 'ସନ୍ଦେଶବାହକ'ଙ୍କୁ ନିୟୋଜିତ କରିଥିଲେ। ଏହା ଦ୍ୱାରା ରାଜ୍ୟର କୋଣ ଅନୁକୋଣରୁ ସମସ୍ତ ଖବର/ସମସ୍ୟା ବିଷୟରେ ଅବଗତ ହୋଇ ସେ ତାହାର ତୁରନ୍ତ ସମାଧାନ କରିପାରୁଥିଲେ। ପୁନଶ୍ଚ ସେ ସମଗ୍ର ରାଜ୍ୟକୁ ଜିଲ୍ଲା ଓ ତହସିଲରେ ଭାଗ କରି ନ୍ୟାୟର ଶେଷ ଅପିଲ ନିଜେ ଶୁଣୁଥିଲେ। ସାମାଜିକ ଭିତ୍ତିଭୂମିର ଉନ୍ନୟନ ସୁପ୍ରଶାସନର ଏକ ବୈଶିଷ୍ଟ୍ୟ ତଥା ଅର୍ଥନୈତିକ ଅଗ୍ରସରର ସହାୟକ ବୋଲି ବିବେଚନା କରି ରାଣୀ ନିଜ ରାଜତ୍ୱ ସମୟରେ ଅନେକ ସଡ଼କ, ସାର୍ବଜନୀନ ସଦନ ଓ ଧର୍ମଶାଳା ନିର୍ମାଣ କରିଥିଲେ। ସମାଜର ଅବହେଳିତ ବର୍ଗର ବିକାଶ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଅହଲ୍ୟାବାଈ ସେମାନଙ୍କୁ ଆର୍ଥିକ ସହାୟତା, ଆଶ୍ରୟ ଓ ଧନ୍ଦାମୂଳକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ତାଙ୍କ ରାଜ୍ୟରେ ବାସକରୁଥିବା 'ଭିଲ' ଆଦିବାସୀ ସଂପ୍ରଦାୟର ଲୋକମାନଙ୍କର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସେ ନେଇଥିବା ପଦକ୍ଷେପଗୁଡିକ ପରବର୍ତ୍ତୀ ସମୟରେ ପ୍ରଶାସନ ନିମନ୍ତେ ଉଦାହରଣ ପାଲଟି ଯାଇଥିଲା। ରାଜକୋଷରୁ ସହିଦ ପରିବାରକୁ ଋଣ, ଦରିଦ୍ରମାନଙ୍କୁ କୃଷି ଓ ବାଣିଜ୍ୟ ପାଇଁ ଶସ୍ତା ଋଣ, ବନ ସଂରକ୍ଷଣ, ବୃକ୍ଷରୋପଣ ଓ ଦୈବ ଦୁର୍ବିପାକ ସମୟରେ କ୍ଷତିପୂରଣ ପ୍ରଦାନ କରି ସେ ଜଣେ ପ୍ରଜାବତ୍ସଳ ଶାସକ ହୋଇ ପାରିଥିଲେ। ପାରମ୍ପରିକ ହସ୍ତଶିଳ୍ପକୁ ପୁନରୁଦ୍ଧାର କରିବା ପାଇଁ ସେ ନିପୁଣ ଓ ସୂକ୍ଷ୍ମ କଳାକୃତି ପାଇଁ ପ୍ରସିଦ୍ଧି ଲାଭ କରିଥିବା ମାହେଶ୍ୱରୀ ଶାଢ଼ିର ବୁଣାଳିମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ସଙ୍ଗେ ସଙ୍ଗେ ଏହି ଶାଢ଼ିର ବିପଣନ ନିମନ୍ତେ ପଦକ୍ଷେପ ନେଇଥିଲେ। ସାମାଜିକ ସଶକ୍ତକରଣରେ ଶିକ୍ଷାର ଭୂମିକା ଅନିବାର୍ଯ୍ୟ ଭାବି ସେ ନିଜ ରାଜ୍ୟର କୋଣ ଅନୁକୋଣରେ ଅନେକ ବିଦ୍ୟାଳୟ ଓ ଶିକ୍ଷାୟତନ ପ୍ରତିଷ୍ଠା କରିଥିଲେ। ଗୁରୁକୁଳ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ସହ ସମାଜର ବିକାଶରେ ନାରୀ ଶିକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରି ଏ କ୍ଷେତ୍ରରେ ପ୍ରଚଳିତ ସାମାଜିକ ପ୍ରତିବନ୍ଧକ ସତ୍ତ୍ୱେ ସେ ସେମାନଙ୍କୁ ଶିକ୍ଷା ପ୍ରଦାନର ବ୍ୟବସ୍ଥା କରିଥିଲେ। "କୌଣସି ଝିଅର ଶିକ୍ଷା ତା'କୁ ଦାରିଦ୍ର୍ୟରୁ ମୁକ୍ତ କରାଇବାର ଟିକେଟ ପ୍ରଦାନ କରାଇଥାଏ" ବୋଲି ତାଙ୍କ ଜେଜେ ମା'ଙ୍କର ଦୃଢ଼ୋକ୍ତି ତାଙ୍କୁ ବହୁଭାବେ ପ୍ରଭାବିତ କରିଥିଲା। ତାଙ୍କ ରାଜତ୍ୱକାଳରେ ମହିଳାମାନେ ପ୍ରଶାସନରେ ଗୁରୁତ୍ୱପୂର୍ଣ୍ଣ ପଦବୀ ଅଧିକାର କରିଥିଲେ। ସୁପ୍ରଶାସନ ନିମନ୍ତେ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ନିତାନ୍ତ ଆବଶ୍ୟକ ଭାବି ସେ ଅନେକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରିଥିଲେ ଏବଂ ଶାରୀରିକ ସୁସ୍ଥତା ଓ ପରିମଳ ବ୍ୟବସ୍ଥାକୁ ପ୍ରାଧାନ୍ୟ ଦେଉଥିଲେ। ରାଣୀ ଅହଲ୍ୟାବାଈଙ୍କ ନେତୃତ୍ୱର ଏକ ପ୍ରମୁଖ ଦିଗ ଥିଲା, ସାମାଜିକ ନ୍ୟାୟ ଏବଂ ଧାର୍ମିକ ସଂସ୍କାର ପ୍ରତି ତାଙ୍କର ପ୍ରତିବଦ୍ଧତା। ହିନ୍ଦୁ ଧର୍ମର ଐତିହ୍ୟ ଓ ହିନ୍ଦୁ ଧର୍ମାବଲମ୍ବୀଙ୍କ ଧାର୍ମିକ ଭାବନାକୁ ସମ୍ମାନ ଜଣାଇ ସେ ଶହେରୁ ଊର୍ଦ୍ଧ୍ୱ ମନ୍ଦିରକୁ ପୁନଃନିର୍ମାଣ କରିଥିଲେ। ପ୍ରସିଦ୍ଧ ସୋମନାଥ ମନ୍ଦିର ସହିତ ଅନେକ ଧାର୍ମିକସ୍ଥଳୀ ଯଥା କାଶୀ ବିଶ୍ୱନାଥ, ଅଯୋଧ୍ୟା, ବୃନ୍ଦାବନ ଆଦିର ପୁନରୁଦ୍ଧାର ପାଇଁ ସେ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ପୁରୀ ଠାରେ ଗୋଟିଏ ମନ୍ଦିର, ଆଶ୍ରମ ଓ ଉଦ୍ୟାନ ନିର୍ମାଣ କରି ସେ ଓଡ଼ିଶା ସହ ତାଙ୍କର ସୁସମ୍ପର୍କକୁ ପ୍ରମାଣିତ କରିଥିଲେ। ତାଙ୍କ ସମୟରେ ପ୍ରଚଳିତ ମୁଦ୍ରାରେ ଶିବଲିଙ୍ଗ ଓ ବେଲପତ୍ର ଅଙ୍କିତ ହେବା ସହ ନନ୍ଦୀ ଚିତ୍ର ଶୋଭା ପାଉଥିଲା। ସମସ୍ତ ପତ୍ରାଳାପରେ ସେ ନିଜର ସ୍ୱାକ୍ଷର ନିମିତ୍ତ ଉଦ୍ଦିଷ୍ଟ ସ୍ଥାନରେ ଶ୍ରୀ ଶଙ୍କର ଲେଖୁଥିଲେ। ସଂସ୍କୃତ ବିଦ୍ୱାନ କୁଶଳୀରାମ ଓ ମରାଠୀ କବି ମୋରୋପାଣି ଓ ଅନନ୍ତ ଫାଡ଼ିଙ୍କୁ ସହାୟତା ପ୍ରଦାନ କରି ସେ କଳା ଓ ସାହିତ୍ୟର ଜଣେ ବଳିଷ୍ଠ ପୂଜାରୀ ବୋଲି ନିଜକୁ ପ୍ରତିପାଦିତ କରିପାରିଥିଲେ। ପ୍ରଚଳିତ ଉର୍ଦ୍ଦୁ ଓ ପାର୍ସି ଭାଷା ସ୍ଥାନରେ ସେ ସଂସ୍କୃତ, ମାଳବୀ ଓ ଖଡି ଭାଷା ପ୍ରଚଳନ କରିଥିଲେ। ରାଣୀ ଅହଲ୍ୟାବାଈ ହୋଲକରଙ୍କ ନେତୃତ୍ୱଶୈଳୀ ଥିଲା ଜ୍ଞାନ, ସାହସ ଏବଂ ସର୍ବସାଧାରଣଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧତା। ସାମାଜିକ ସ୍ଥିତି କିମ୍ବା ଲିଙ୍ଗ ନିର୍ବିଶେଷରେ ନ୍ୟାୟପୂର୍ଣ୍ଣ ଶାସନ କରିବା, ନ୍ୟାୟକୁ ବଜାୟ ରଖିବା ଏବଂ ନାଗରିକମାନଙ୍କର କଲ୍ୟାଣକୁ ପ୍ରାଥମିକତା ଦେବାରେ ତାଙ୍କର ଦକ୍ଷତା ତାଙ୍କୁ ମହିଳା ସଶକ୍ତୀକରଣର ପ୍ରକୃତ ପ୍ରତୀକ ଭାବେ ଅଭିହିତ କରେ।

*(ଅବଶିଷ୍ଟାଂଶ ପୃଷ୍ଠା-୭)*

# ବକ୍ତା ଅଧିକ, ଶ୍ରୋତା କମ



**ଡ. ମୃଣାଳ ଚାଟାର୍ଜୀ**

ଆମ ଦେଶରେ ଗୋଟେ ବିଚିତ୍ର ପରିସ୍ଥିତି ହେଲାଣି: ବକ୍ତା ବହୁତ ହୋଇଗଲେଣି, ଶ୍ରୋତା କମ୍ । ଯାହାକୁ ଦେଖ ସିଏ କହୁଛନ୍ତି; କହି ଚାଲିଛନ୍ତି । ହାଟବଜାରରେ କହୁଛନ୍ତି । ସଭାରେ କହୁଛନ୍ତି । ସଂସଦ, ବିଧାନସଭାରେ କହୁଛନ୍ତି । ସାମାଜିକ ଗଣମାଧ୍ୟମରେ ତ କହି କହି ବେଦମ ହୋଇଗଲେଣି । ବିଡ଼ମ୍ବନା ହେଲା ଶୁଣିବାଲୋକ କ୍ରମଶଃ କମି କମି ଏବକୁ ଏ ଦେଶରେ ପ୍ରାୟ ଆଉ ନାହାନ୍ତି । ଦେଶରେ ଯେତେବେଳେ କହିବାଲୋକ ଅଧିକ ଆଉ ଶୁଣିବାଲୋକ କମ୍ ହୋଇଯିବେ, ସେତେବେଳେ କହିବାଲୋକଙ୍କ ଭିତରେ କିଏ କେତେ ବଡ ପାଟିରେ କହିବ ତାକୁ ନେଇ ଲଢ଼େଇ ଆରମ୍ଭ ହୋଇଯିବ । ଆଉ ସମସ୍ତେ ଯଦି ଏକାସାଙ୍ଗରେ ବଡ ପାଟିରେ କହିବେ, ତାହାହେଲେ ଯେଉଁ କେତୋଟି ଶୁଣିବାଲୋକ ଥିଲେ ଦେଶରେ, ସିଏ ବି ଆଉ କିଛି କଥା ଶୁଣିପାରିବେ ନାହିଁ । ଗୋଟେ ସମୟରେ ବିରକ୍ତ ହୋଇ ସେମାନେ ଶୁଣିବା ବନ୍ଦ କରିଦେବେ । ଏଇ ଅବସ୍ଥା ହେଇଛି ଆମ ଦେଶରେ । ଆମ ଘରେ । ଆମ ଚାରିପାଖରେ । ଟେଲିଭିଜନ ବିତର୍କରେ ଦେଖିବେ ସମସ୍ତେ ଏକାସାଙ୍ଗରେ କହୁଛନ୍ତି । ପକ୍ଷ, ବିପକ୍ଷ ଏବଂ ଆଙ୍କର (ବିତର୍କ ପରିଚାଳକ) - ସମସ୍ତେ ଏକା ସାଙ୍ଗରେ ବଡପାଟିରେ କହୁଥିବେ । ଯିଏ ବିତର୍କଟି ଶୁଣିବାପାଇଁ ଟେଲିଭିଜନ ଆଗରେ ବସିଛି, ସେ କାର୍ଯ୍ୟକ୍ରମଟିକୁ ବନ୍ଦ କରି ଶାଶୁବୋହୂ ସିରିଏଲ ଦେଖିଲାଣି । ସେଠିକା ବିତର୍କଠାରୁ ଏଠିକା ଘରୋଇ ଗଣ୍ଡଗୋଳଟା ଭଲ ଲାଗୁଛି । ସାମାଜିକ ଗଣମାଧ୍ୟମରେ ଦେଖିବେ ଜଣେ କିଛି କହିବା ଆରମ୍ଭ କଲା ମାତ୍ରେ ଆଉ ପାଞ୍ଚ ଜଣ ସେ କଣ କହିଲେ ତାକୁ ନ ଶୁଣି, ନ ପଢି ମନ୍ତବ୍ୟ ଦେବାକୁ ଲାଗିପଡ଼ିବେ । ସେ ମନ୍ତବ୍ୟ ସହିତ ମୂଳ ବକ୍ତବ୍ୟ ବା ବିଷୟର କୌଣସି ସମ୍ପର୍କ ନାହିଁ । ଜର୍ମାନ ଦାର୍ଶନିକ ହେବରମାସ (ଜନ୍ମ: ୧୯୨୯) ତାଙ୍କର ଯୁଗାନ୍ତକାରୀ ପୁସ୍ତକ 'ଷ୍ଟ୍ରକଚରାଲ ଟ୍ରାନ୍ସଫରମେସନ ଅଫ ପବ୍ଲିକ ସ୍ଫିଅର' (ଜର୍ମାନ ଭାଷାରେ ପ୍ରଥମ ପ୍ରକାଶ: ୧୯୬୨) ପୁସ୍ତକରେ ପବ୍ଲିକ ସ୍ଫିଅର ବା ସାଧାରଣ ଜନକ୍ଷେତ୍ର କଥା କହିଥିଲେ । ତାଙ୍କ ବକ୍ତବ୍ୟ ଥିଲା ସାଧାରଣ ଜନକ୍ଷେତ୍ରରେ ଯାହା ଆଲୋଚନା ହୁଏ, ତାହା ଦେଶର ନେତା ଓ ପ୍ରଶାସକଙ୍କ ଉପରେ ପ୍ରଭାବ ପକାଏ । ଫଳରେ ଏହା ଶାସନକୁ ପ୍ରଭାବିତ କରେ । ତାଙ୍କ ବକ୍ତବ୍ୟର ଭିତ୍ତି ଥିଲା ମଣିଷର ତଥ୍ୟ, ସତ୍ୟ ଓ ଯୁକ୍ତିନିଷ୍ଠତା ଉପରେ ବିଶ୍ୱାସ । ଆମ ଦେଶରେ ସାମ୍ପ୍ରତିକ ସମୟରେ ସମସ୍ୟା ହେଲା - ଲୋକେ ଆଉ ଯୁକ୍ତିକୁ ଶୁଣୁନାହାନ୍ତି । ଅନ୍ୟର କଥାକୁ ଶୁଣିବାର ଆଗ୍ରହ କିମ୍ବା ଧୈର୍ଯ୍ୟ ଆମର ନାହିଁ । ସଠିକ ତଥ୍ୟ ସଂଗ୍ରହ ପାଇଁ ଶ୍ରମ କରିବାକୁ ଆମେ ପ୍ରସ୍ତୁତ ନୋହୁଁ । ସତ୍ୟନିଷ୍ଠ ହେବ ପାଇଁ ଯେଉଁ ମାନସିକ ଦୃଢ଼ତା ଦରକାର, ତାହା ଆମର ନାହିଁ । ଆମେ ଯାହା ବୁଝିଛୁ ତାହା ହିଁ ଧ୍ରୁବ ବୋଲି ଆମର ବିଶ୍ୱାସ । ଏଭଳି ନରମ ନିଅଁରେ ଗଢି ଉଠିଥିବା ବିଶ୍ୱାସ ଭିତ୍ତିରେ ଆଲୋଚନା - ବିତଣ୍ଡାରେ ପରିଣତ ହେବ ଥୟ । ଆଉ ତାହା ହିଁ ହେଉଛି । ତ୍ରୟୋଦଶ ଶତାବ୍ଦୀ ପାରସ୍ୟର କବି ଓ ଦାର୍ଶନିକ ଜଲାଲୁଦ୍ଦିନ ରୁମୀ କହିଥିଲେ, ଗୋଟିଏ ତଥ୍ୟ ଦ୍ୱାରା ଆପଣ ୪୦ ଜଣ ବିଦ୍ୱାନଙ୍କୁ ହରାଇ ପାରିବେ, ହେଲେ ୪୦ ତଥ୍ୟ ସାହାଯ୍ୟରେ ବି ଗୋଟିଏ ମୁର୍ଖକୁ ହରାଇ ପାରିବେ ନାହିଁ । ବର୍ତ୍ତମାନ ସମୟରେ ଆଉ ଗୋଟେ ସମସ୍ୟା ହୋଇଛି । ଆଗରୁ ମୁର୍ଖମାନେ ଜ୍ଞାନୀଗୁଣୀଜଣଙ୍କ କଥା ନ ମାନିଲେ ବି ସମାଜରେ ତାହା କହୁ ନ ଥିଲେ । କହିଲେ ବି ସାଧାରଣ ଜନକ୍ଷେତ୍ରରେ ତାହା ବେଶୀ ଗୁରୁତ୍ୱ ପାଉ ନ ଥିଲା । ଏବେ ଗଣମାଧ୍ୟମର ଗଣତାନ୍ତ୍ରିକରଣ ଫଳରେ ସମସ୍ତେ ସାଧାରଣ ଜନକ୍ଷେତ୍ରରେ କହିବାର ସୁଯୋଗ ପାଇଛନ୍ତି । ଏବଂ ଖୁବ କହୁଛନ୍ତି । ସମସ୍ତେ କହୁଛନ୍ତି । କେହି ଶୁଣିବା ଅବସ୍ଥାରେ ନାହାନ୍ତି । ସାରା ସମାଜ ଏକ ବିଶାଳ ଶୁଖୁଆ ହାଟରେ ପରିଣତ ହେଉଛି ।

*ସଂଚାର ମାର୍ଗ, ଢେଙ୍କାନାଳ ୭୫୯୦୦୧*

*(ଲେଖକ ସକ୍ରିୟ ସାମ୍ବାଦିକତାରୁ ଗଣମାଧ୍ୟମ ଶିକ୍ଷା କ୍ଷେତ୍ରକୁ ଆସିଛନ୍ତି । ମତାମତ ବ୍ୟକ୍ତିଗତ ।)*

## ନୀତିଶିକ୍ଷା
# ବଂଶୀସ୍ୱନ



**ଭବତୋଷ ତ୍ରିପାଠୀ**

ମହାଭାରତ ଯୁଦ୍ଧର ବହୁଦିନ ପରେ ଦିନେ ଭଗବାନ ଶ୍ରୀକୃଷ୍ଣ ହାତରେ ଗୋଟିଏ ବଂଶୀ ଧରି ଯୁଧିଷ୍ଠିର ମହାରାଜାଙ୍କ ରାଜପ୍ରାସାଦକୁ ଆସିଲେ । ଭଗବାନ ଶ୍ରୀକୃଷ୍ଣଙ୍କ ବୟସ ଓ ସମ୍ମାନ ଦୃଷ୍ଟିରୁ ସେ ହାତରେ ଗୋଟିଏ ବଂଶୀ ଧରିବା ଠିକ୍ ନୁହେଁ ଭାବି ଯୁଧିଷ୍ଠିର ଖୁସୀହୋଇ ପାରିଲେ ନାହିଁ । ଶ୍ରୀକୃଷ୍ଣଙ୍କୁ ବସିବାକୁ ଆସ୍ଥାନ ପ୍ରଦାନ କରି ଯୁଧିଷ୍ଠିର କହିଲେ, - "ହେ କେଶବ ! ଆପଣଙ୍କ ହସ୍ତରେ ଗୋଟିଏ ବଂଶୀ ଧରିବା ସମୁଚିତ ଦେଖାଯାଉନାହିଁ ବୋଲି ମୁଁ ଆପଣଙ୍କୁ ସୂଚାଇ ଦେବାକୁ ଉଚିତ ମନେକଲି"। ଏହା ଶୁଣି ଭଗବାନ୍ ଶ୍ରୀକୃଷ୍ଣ ପ୍ରଶ୍ନ କଲେ, - "କାହିଁକି ନୁହେଁ ?" " ମୁଁ ଶୁଣିବାକୁ ପାଇଛି ଯେ ବୃନ୍ଦାବନରେ ଯେତେବେଳେ ଆପଣ ବଂଶୀବାଦନ କରୁଥିଲେ, ତାହା ସମସ୍ତ ଗୋପୀଙ୍କୁ ଆକର୍ଷିତ କରୁଥିଲା । ସେମାନେ ସମସ୍ତେ ନିଜର ଗାଈ ଦୁହିଁବା କାର୍ଯ୍ୟ ବନ୍ଦ କରି ଆପଣଙ୍କ ନିକଟକୁ ଦୌଡୁଥିଲେ ।" "ତାହା ସତ୍ୟ" — ଭଗବାନ ଶ୍ରୀକୃଷ୍ଣ ମୁଖରେ ସ୍ମିତହାସ୍ୟ ଫୁଟାଇ କହିଲେ । ଯୁଧିଷ୍ଠିର ପୁଣି କହିଲେ, "ଏହା ମଧ ସତ୍ୟ ଯେ ତୁମେ ଯେତେବେଳେ ବଂଶୀ ବାଦନ କରୁଥିଲ ଗାଈମାନେ ଚରିବା ବନ୍ଦ କରିଦେଉଥିଲେ, ଯମୁନାର ଜଳ ସ୍ଥିର ହୋଇ ଯାଉଥିଲା, ବୃକ୍ଷ ଗୁଡ଼ିକ ଆପଣଙ୍କ ବଂଶୀସ୍ୱନ ଶୁଣିବାପାଇଁ ଡାଳଗୁଡ଼ିକୁ ନୁଆଁଇ ଦେଉଥିଲେ ।" ଭଗବାନ ଶ୍ରୀକୃଷ୍ଣ ସବୁକଥା ଶୁଣି ମୁଣ୍ଡ ହଲାଇ ସମ୍ମତି ଜଣାଇଲେ । ତା'ପରେ ଯୁଧିଷ୍ଠିର ପୁଣି କହିଲେ, — "ସେ ଯାହାହେଉ ଆପଣ ବୃନ୍ଦାବନ ଛାଡ଼ିବା ପରଠାରୁ ଆଉ ବଂଶୀ ବଜାଇ ନାହାନ୍ତି । ତା' ପରିବର୍ତ୍ତେ ଆପଣ ଅର୍ଜୁନଙ୍କୁ ଶଙ୍ଖ ବାଦନ କରି ଯୁଦ୍ଧ କରିବାକୁ ଉତ୍ସାହିତ କରିଛନ୍ତି । ତେଣୁ ବର୍ତ୍ତମାନ ଆପଣଙ୍କ ହାତରେ ବଂଶୀଟି ଆଉ ଶୋଭା ପାଉନାହିଁ । ଚାଲନ୍ତୁ, ଏହାକୁ ଯମୁନା ଜଳରେ ଫିଙ୍ଗିଦେବା ।"ଭଗବାନ ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କ ପ୍ରସ୍ତାବରେ ରାଜି ହୋଇଗଲେ ଏବଂ ଦୁହେଁ ନଦୀକୂଳକୁ ଗମନ କଲେ । ଗଲାବେଳେ ବାଟରେ ସେମାନେ ଦେଖିଲେ ଗୋଟିଏ ଆମ୍ବତୋଟାର ଗଛରେ ଓହଳିଥିବା ଏକ ମହୁଫେଣାରୁ ଗୋଟିଏ ଲୋକ ମଧୁପାନ କରୁଛି । ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ ଦେଖାଇଦେଲେ ଯେ ଗୋଟିଏ ଅଜଗର ସାପ ସେହି ମହୁଶୋଷୁଥିବା ଲୋକଟିକୁ ତଳଆଡୁ ଗିଳି ଚାଲିଛି । ଆହୁରି ମଧ ମହୁର ସ୍ୱାଦରେ ସେ ଏତେ ମଜ୍ଜି ଯାଇଥିଲା ଯେ ତା'ର ଆସନ୍ନ ସର୍ବନାଶକୁ ମଧ ଭୁଲି ଯାଇଥିଲା । ଏହା ଦେଖି ଯୁଧିଷ୍ଠିର ଆଶ୍ଚର୍ଯ୍ୟ ହୋଇଗଲେ । କୃଷ୍ଣ କହିଲେ ପ୍ରଜାଙ୍କୁ ରକ୍ଷା କରିବା ରାଜାଙ୍କର ଧର୍ମ । ତେବେ ଯାଆନ୍ତୁ ତାକୁ ସର୍ପ ମୁହଁରୁ ରକ୍ଷା କରନ୍ତୁ । ଭଗବାନ ଶ୍ରୀକୃଷ୍ଣଙ୍କ କଥା ଅନୁଯାୟୀ ଯୁଧିଷ୍ଠିର ଦୌଡ଼ିଯାଇ ଲୋକଟିକୁ ସତର୍କ କରାଇଲେ, ତଥାପି ଲୋକଟି ସେହି ସତର୍କତାକୁ ଭ୍ରୂକ୍ଷେପ ନ କରି ତା'ର ମହୁପାନ ଚାଲୁ ରଖିଲା। ଯୁଧିଷ୍ଠିର ଏ ପରିସ୍ଥିତିରେ ଛାଡ଼ି ପଳାଇବାକୁ ଅକ୍ଷମ ହୋଇ ଭଗବାନଙ୍କ ନିକଟକୁ ଆସି ସେ ଲୋକଟିକୁ ବଞ୍ଚାଇବା ପାଇଁ ଅନୁରୋଧ କଲେ । ଭଗବାନ ତତ୍ପରେ ତାଙ୍କ ଦିବ୍ୟ ବଂଶୀରେ ସୁନ୍ଦର ସୁମଧୁର ସଂଗୀତ ଗାନ କଲେ । ଯେତେବେଳେ ବଂଶୀର ସୁମଧୁର ସ୍ୱର ବାୟୁମଣ୍ଡଳକୁ ପରିପୂର୍ଣ୍ଣ କରିଦେଲା, ଲୋକଟି ତା'ର ମଧୁପାନ ବନ୍ଦ କରି ଚାହିଁଲା ଏବଂ ଅଜଗରଟି ମଧ ଲୋକଟିକୁ ଗିଳିବା ବନ୍ଦ କରିଦେଲା । ମାତ୍ର ଯୁଧିଷ୍ଠିର ସେଠାରେ ମନ୍ତ୍ରମୁଗ୍ଧ ହୋଇ ଦଣ୍ଡାୟମାନ ହୋଇ ରହିଲେ । ଭଗବାନ ଶ୍ରୀକୃଷ୍ଣ ବଂଶୀ ବଜାଇବା ବନ୍ଦ କଲାପରେ, ଯୁଧିଷ୍ଠିର ବିନମ୍ର ଭାବରେ ଭଗବାନଙ୍କ ପାଦତଳେ ପଡ଼ିଗଲେ ଓ ସେତିକିବେଳେ ବଂଶୀର ମହିମା ବୁଝିପାରିଲେ ।

ମର୍ମବାଣୀ : ପ୍ରତ୍ୟେକ ବ୍ୟକ୍ତି ସଂସାରରେ ବିଷୟବାସନାମୁଖୀ ମଧୁ ଆସ୍ୱାଦନକରିବାରେ ଲିପ୍ତ ରହେ, ସେ ଭୁଲିଯାଏ ଯେ କାଳ ତାକୁ ଅଜଗର ପରି ତଳୁ ଗ୍ରାସ କରୁଛି । ଏପରିକି ଜ୍ଞାନୀ, ଗୁଣୀ ଓ ସାଧୁଙ୍କ ପରି ନୀତିନିଷ୍ଠ ବ୍ୟକ୍ତି ବିଶେଷଙ୍କ ଭଗବତ୍ ବାଣୀ ପ୍ରତି ମଧ ତା'ର ଦୃଷ୍ଟି ଆକର୍ଷିତ ହୁଏନାହିଁ । ନାମ, ଜପ, ତପ ଆଦି ଭଗବତ୍ ସଂଗୀତ ରୂପକ ବଂଶୀସ୍ୱନ ଆମେ ଅହରହ ଶ୍ରବଣ କରିଥାଉ । ତଥାପି ସଂସାରର ମାୟା, ମୋହ, କାମନା, ବାସନା, ଗର୍ବ, ଅହଂକାର ଆଦି ଦୋଷ ଦୁର୍ବଳତା ତ୍ୟାଗ କରି ପାରୁନାହୁଁ । ଭଗବାନ ଆମକୁ ମନ୍ତ୍ର, ଜପ, ଶାସ୍ତ୍ର ପୁରାଣ, ଗୀତା, ଭାଗବତ ମାଧ୍ୟମରେ ନିମ୍ନସ୍ତରରୁ ଊର୍ଦ୍ଧ୍ୱକୁ ଉଠି ଭୋଗ ବିଳାସ ଠାରୁ ନିଜକୁ ନିବର୍ତ୍ତେଇ ତାଙ୍କ ନିକଟକୁ ଫେରିଯିବା ପାଇଁ ଆହ୍ୱାନ ଦେଇଥାନ୍ତି । ହେଲେ ଆମେ ମୂଢ଼ ମନୁଷ୍ୟଗଣ ହଠାତ୍ ତାହା ଗ୍ରହଣ କରି ନପାରି ସାରା ଜୀବନ ଦୁଃଖ କଷ୍ଟରେ କଟାଇଥାଉ।

*ପାର୍ବତୀପୁର, ପୁରୀ*
*ମୋ - ୯୦୯୦୧୭୨୧୬୭*

# ।। ଓଁ ଶ୍ରୀ ଦୁର୍ଗା ମାଧବାଭ୍ୟାଂ ନମଃ ।।



**ପଣ୍ଡିତ ଶ୍ରୀ ପଦ୍ମନାଭ ତ୍ରିପାଠୀ ଶର୍ମା**
**ଶ୍ରୀ ଲୋକନାଥ ରୋଡ଼, ହାତୀଶାଳ,**
**ପୁରୀ-୭୯୭୮୪୬୪୬୩୯**



**ମେଷ ରାଶି-** ମାସଟି ଆପଣଙ୍କର ଅତି ଭଲରେ ଯିବ.ଦେହ ଓ ମନ ପ୍ରାୟ ଭଲ ରହିବ.ଆୟ ଅତ୍ୟନ୍ତ ଉତ୍ତମ ହେବ.ପାରିବାରିକ ଜୀବନରେ ସୁଖଶାନ୍ତି ସହିତ ରହିବେ.ବ୍ୟବସାୟରେ ଲାଭଦାୟକ ହେବ. ବିଦ୍ୟାର୍ଥୀମାନେ ଉତ୍ସାହ ସହ ପଢାପଢିରେ ଆଗେଇବେ ।

**ବୃଷ ରାଶି -** ମାସଟି ମଧ୍ୟମ ଫଳଦାୟକ ହେବ । ଦେହ ଓ ମନ ଭଲ ରହିବ.ଆୟ ଏବଂ ବ୍ୟୟ ସମାନ ରହିବ. ପାରିବାରିକ ଜୀବନ ଖୁସି ରେ କାଟିବେ.ବ୍ୟବସାୟରେ ସାମାନ୍ୟ ଲାଭ ପାଇବେ.ବିଦ୍ୟାର୍ଥୀମାନେ ପଢ଼ାରେ ପରିଶ୍ରମ କରି ଆଗେଇବେ ।

**ମିଥୁନ ରାଶି -** ମାସଟି ଆପଣଙ୍କର ଏତେ ଶୁଭଦାୟକ ନୁହେଁ.ଦେହ ଓ ମନ ସାମାନ୍ୟ ପୀଡାଦାୟକ ରହିବ.ଆୟଠାରୁ ବ୍ୟୟ ସାମାନ୍ୟ ଅଧିକା ହୋଇପାରେ.ପାରିବାରିକ ଜୀବନରେ ଅଶାନ୍ତି ଦେଖାଦେଇପାରେ.ବ୍ୟବସାୟରେ ଅଳ୍ପ ଲାଭ ହେବ. ବିଦ୍ୟାର୍ଥୀମାନେ ପଢାପଢିରେ ଅବହେଳା କରିପାରନ୍ତି.।

**କର୍କଟ ରାଶି -** ମାସଟି ଆପଣଙ୍କର ଭଲରେ ଯିବ ତଥା ଶୁଭଦାୟକ ଅଟେ । ଦେହ ଓ ମନ ସାଧାରଣତଃ ଭଲ ରହିବ । ଆୟ ଅତ୍ୟନ୍ତ ଭଲ ହେବ । ପାରିବାରିକ ଜୀବନରେ ସୁଖଶାନ୍ତି ପାଇବେ । ବ୍ୟବସାୟରେ ଭଲ ଲାଭ ପାଇବେ । ବିଦ୍ୟାର୍ଥୀମାନେ ପଢାପଢିରେ ପରିଶ୍ରମ କରି ସଫଳ ହେବେ ।

**ସିଂହ ରାଶି -** ମାସଟି ଆପଣଙ୍କର ଅତ୍ୟନ୍ତ ଭଲରେ କଟିବ.ଦେହ ଓ ମନ ଭଲ ସାଧାରଣତଃ ରହିବ.ଆୟ ଭଲ ହେବ.ପାରିବାରିକ ଜୀବନ ସୁଖସମୃଦ୍ଧି ରେ କାଟିବେ.ବ୍ୟବସାୟରେ ପ୍ରତିଷ୍ଠିତ ଯୋଗ ରହିଛି.ବିଦ୍ୟାର୍ଥୀମାନେ ପଢାପଢିରେ ଓ ପରୀକ୍ଷାରେ ଉଚ୍ଚଫଳ ପାଇବେ ।

**କନ୍ୟା ରାଶି -** ମାସଟି ଆପଣଙ୍କର ମଧ୍ୟମ ଫଳଦୟକ ହେବ.ଦେହ ଓ ମନ ପ୍ରାୟତଃ ଭଲ ରହିବ.ଆୟ ସାମାନ୍ୟ ଲାଭଦାୟକ ରହିବ ତଥା ଭଲ ହେବ.ପାରିବାରିକ ଜୀବନରେ କିଛି ଅଶାନ୍ତି ଦେଖାଦେଇପାରେ.ବ୍ୟବସାୟରେ ଲାଭ ପାଇବେ.ବିଦ୍ୟାର୍ଥୀମାନେ ପଢ଼ାରେ ଆଗେଇବେ ।

**ତୁଳା ରାଶି -** ମାସଟି ଆପଣଙ୍କର ମଧ୍ୟମ ଫଳଦାୟକ ହେବ.ଦେହ ଓ ମନ ଭଲ ରହିବ.ଆୟ ଉତ୍ତମ ଧରଣର ହେବ.ପାରିବାରିକ ଜୀବନରେ ସୁଖଶାନ୍ତି ପାଇବେ.ବ୍ୟବସାୟରେ ଭଲ ଲାଭ ପାଇବେ. ବିଦ୍ୟାର୍ଥୀମାନେ ପଢାପଢିରେ ପରିଶ୍ରମ କରି ଉତ୍ତମ ଫଳ ପାଇବେ ।

**ବିଛା ରାଶି -** ମାସଟି ଆପଣଙ୍କର ଅତ୍ୟନ୍ତ ଶୁଭଦାୟକ ରହିବ.ଦେହ ଓ ମନ ଭଲ ରହିବ. ଆୟ ଆପଣଙ୍କର ଅତି ଉତ୍ତମ ରହିବ.ପାରିବାରିକ ଜୀବନ ଆମୋଦପ୍ରମୋଦ ମଧ୍ୟରେ କାଟିବେ.ବ୍ୟବସାୟରେ ଅତି ଲାଭବାନ ହେବେ. ବିଦ୍ୟାର୍ଥୀମାନେ ପଢ଼ାପଢିରେ ସୁଫଳ ପାଇବେ ।

**ଧନୁ ରାଶି -** ମାସଟି ଆପଣଙ୍କର ମଧ୍ୟମ ଫଳଦାୟକ ଅଟେ.ଦେହ ଓ ମନ ଭଲ ରହିବ.ଆୟ ମଧ୍ୟମ ଧରଣର ରହିବ.ପାରିବାରିକ ଜୀବନରେ ଖୁସି ର ବାତାବରଣ ଦେଖାଦେବ.ବ୍ୟବସାୟରେ ମଧ୍ୟମ ଲାଭ ପାଇବେ. ବିଦ୍ୟାର୍ଥୀମାନେ ପଢ଼ାରେ ପରିଶ୍ରମ ଅନୁଯାୟୀ ଫଳ ପାଇବେ ।

**ମକର ରାଶି -** ମାସଟି ଆପଣଙ୍କର ଏତେ ଭଲରେ ଯିବ ନାହିଁ.ଦେହ ସାମୟିକ ପୀଡା ଦେଖାଦେଇପାରେ.ଆୟ ମଧ୍ୟମ ଧରଣର ହେବ.ପାରିବାରିକ ଜୀବନରେ ସାମାନ୍ୟ ଖୁସି ଦେଖାଦେଇପାରେ.ବ୍ୟବସାୟରେ ସେତେ ଲାଭ ପାଇବେ ନାହିଁ.ବିଦ୍ୟାର୍ଥୀମାନେ ପଢ଼ାରେ ଅବହେଳା କରିପାରନ୍ତି ।

**କୁମ୍ଭ ରାଶି -** ମାସଟି ଆପଣଙ୍କର ସେତେ ଭଲରେ କଟିବ ନାହିଁ.ଦେହ ଓ ମନ ସାଧାରଣତଃ ଭଲ ନରହିପାରେ.ଆୟ ସେତେ ଭଲ ହେବନାହିଁ.ପାରିବାରିକ ଜୀବନରେ ସାମାନ୍ୟ ସାମାନ୍ୟ ଅଶାନ୍ତି ଦେଖାଦେଇପାରେ.ବ୍ୟବସାୟରେ ସେତେ ଲାଭ ପାଇବେନାହିଁ.ବିଦ୍ୟାର୍ଥୀମାନେ ପଢ଼ାରେ ମନଦେବେନାହିଁ ।

**ମୀନ ରାଶି -** ମାସଟି ଆପଣଙ୍କର ଅତ୍ୟନ୍ତ ଶୁଭଦାୟକ ରହିବ.ଦେହ ଓ ମନ ସାଧାରଣତଃ ଭଲ ରହିବ.ଆୟ ଆପଣଙ୍କର ଅତ୍ୟନ୍ତ ଭଲ ହେବ.ପାରିବାରିକ ଜୀବନରେ ସୁଖଶାନ୍ତି ପାଇବେ.ବ୍ୟବସାୟରୁ ଉତ୍ତମ ଲାଭ ମିଳିବ.ବିଦ୍ୟାର୍ଥୀମାନେ ପଢାପଢିରେ ଉତ୍ସାହ ସହ ଆଗେଇବେ ।

# The Life of Lord Chaitanya and His Sankirtana Movement in India

Alok Mishra

"If by chance we get the association of a pure devotee, then by his mercy our illusion becomes over. Therefore it is advised that everyone should seek association of saintly persons. And by saintly person's instructions, the darkness of ignorance can be removed." There is no question of 'loss' in devotional service. God has taken care of it as well. There are innumerable names for the Supreme Lord, both in India and elsewhere. All of them are equally good because they all indicate the Supreme personality of Godhead. But this particular Mahamantra - "Hare Krishna, Hare Krishna, Krishna Krishna, Hare Hare - Hare Rama, Hare Rama, Rama Rama Hare Hare" which consists of sixteen names or words are especially recommended for this era, called Kali-yuga (the age of quarrel), is the best for people to take advantage of them and thus follow the path of the great Acharyas, the saintly teachers who attained success by practicing this system. In congregational chanting of the holy names of the Lord, people can come together and glorify the Lord in their respective languages to the accompaniment of melodious music. And if such performances are executed sincerely, it is certain that the participants will gradually attain spiritual perfection without undergoing more rigorous methods. The Srimad-bhagavatam states, "In this ageof Kali, people who are endowed with sufficient intelligence will worship the goldcomplexioned Lord by performing the Sankirtana-yajna, the sacrifice of chanting the Holy names of God." So the Sankirtana movement of Lord Chaitanya, the Golden Avatar, is not a concoction, for it presents the fulfillment of what is stated in the revealed scripture, just as the appearance of Lord Buddha and other Avataras is forefold in the Vedic literature. And to fulfill the Lord's mission, all the people of world should accept the holy name of God as the common platform for the universal religion of mankind. The Biography of Lord Chaitanya : The advent of the holy name thus took place alongwith the advent of Sri Chitanya. When on the



lap of his mother, he once stopped crying as soon as the ladies surrounding him chanted the Holy name of Sri Krishna and clapped their hands. Sometimes the young ladies took pleasure in making him cry, so that they could then stop him by chanting 'Hare Krishna Hare Rama'. By the age of sixteen, he was regarded as a great scholar of India called Nimai Pandit. He was then married and began to spread the 'Hare Krishna' movement in Navadwipa. There some of the Brahmanas soon became envious and put many hindrances in his path, at length complaining to the Muslim Magistrate against him. The Kazi as this official was called, took their complaints seriously and he at first warned the followers of Chaitanya not to chant the name of Sri Krishna loudly. But Chaitanya asked his followers not to care the orders of the Kazi and they went on with their Sankirtana parties as usual. The Kazi then sent constables who broke some of the Mridangas (Drums) during Sankirtana. When Lord Chaitanya heard of this, he organized a civil disobedience movement in Navadwipa. He was the pioneer of civil disobedience movement in India and for the right cause. He organized a procession of a huge crowd of people carrying thousands of Mridangas and Karatalas (Hard cymbals) and the procession passed through the roads of Navadwipa without any fear of the Kazi. At length the party reached the house of the Kazi, who fled upstairs in fear of the masses. The men assembled there showed hot tempers but Chaitanya pacified them. When the Kazi came down, Chaitanya had an amicable discussion with him about the Koran and the Vedic Shastras. The Kazi questioned Chaitanya about cow sacrifice, which the Vedas prescribe, and the Chaitanya replied that the sacrifice which he (Kazi) cited from the Vedas is not actually cow-killing. In that sacrifice an old bull or cow is killed to give it a new life by the power of Vedic mantras. In the Kali-yuga however, such cow sacrifice is forbidden because there are not so many learned Brahmanas who can conduct that type of ceremony. Now the scriptures recommend only the sacrifice through Sankirtana for all purposes. Lastly the Kazi was convinced by Sri Chaitanya and at once he became his follower. Indeed, the Kazi declared that hence forward no one could hinder the chanting of Harekrishna in Navadwipa, an injunction observed up to the present day. Following this incident, Chaitanya began to propagate Sankirtana more vigorously than ever. In the course of his preaching, he sent out all his followers every day, chief among whom were Srila Nityananda and Thakura Haridasa. They would go from door to door and preach the Science of Love Sree Krishna. One day as they were walking along the main road, they came across two brothers named Jagai and Madhai. Though these brothers were the sons of a respectable Brahmana, they had fallen to the most despicable position and were meat eaters, womenisers and decoits of the first order. Upon learning of these two, Srila Nityananda at once decided that if they could be delivered by the holy name then Sri Chaitanya would be all the more glorified. With this in mind Srila Nityananda at once approached the two brothers and requested them to chant the holy name of Krishna. But the drunken brothers flew into a rage and attacked Srila Nityananda injuriously, who hurriedly left the place with Haridas Thakura, the drunkards chasing them for a considerable distance. The next day Srila Nityananda again went to see the brothers. But as soon as he approached them Madhai threw a piece of broken earthen pot at him and struck his head, drawing profuse blood. Srila Nityananda was so kind towards them that instead of protesting their heinous act, he said, "It doesnot matter *(continued to P7)*

# Salabeg - The Great Devotee of Lord Jagannath

Prof. Jagannath Mohanty

Salabeg was hailing from a Muslim father. He was not allowed to enter into Srimandir at Puri, but was extremely devoted to Sri Krishna and Sri Jagannath. He composed a large number of devotional songs for them. His father was a Mughal Subedar and mother a Brahmin widow. In one of his Bhajans (devotional songs) he has given his identity in an humble way "I am a Yavana" (Muslim). My father is the son of a Mughal Subedar and mother a Brahmin widow. I am born in such a family that the Hindus do not even take water from me. However, nowhere he has mentioned the name of his father or mother. Scholars believe that his father was Lal Beg. He was appointed Subedar, Cuttack which was the main center of administration and one day while Lal Beg was going to Puri on the horse-back, he happened to see the enchanting beauty of a Brahmin widow and forcibly married her, who subsequently gave birth to Salabeg at Cuttack and Lalbeg died on the 27th April, 1608. As a very strong Subedar he might have invaded many Hindu temples including Sri Jagannath Temple, Puri. Most probably Salabeg and his mother were neglected, but his education was properly taken care of by his mother. Salabeg like his mother adjusted with Muslim customs, but worshipped Sri Jagannath most fervently. He visited Mathura, Brindavan and other holy places and enjoyed Rasalilas and the prevalent Vaishnavite Bhajans and Kirtans etc. There is a saying which indicates the depth of his devotion to Lord Jagannath. On the way back to Puri, Salabeg fall ill. It was the time of Rath Yatra and Salabeg prayed"O Jagabandhu my master, You please wait for me in your Rath till my return." Actually there was an accident and the Rath had to be detained on the Grand Road (Bada Danda). It shows the love and affection of the Lord for the Bhaktas like Salabeg. Salabeg himself composed many devotional songs in the form of Bhajans and Janans. All those hymns and prayers are dedicated to Sri Krishna and Sri Jagannath. Most of his compositions are so sweet and melodious they have been in vogue in our literature and music over centuries. Some stanzas of his immortal poems may be taken as examples- "O, Jagannath ! I am not asking for anything Not wealth, nor kith and kin I seek only a handful of sand from Saradhabali. I do not want to see any other face except your's". His deep attachment to Sri Krishna is evident. He always expressed his eagerness to see Him at Mathura and Brindavan. In one poem he has penned, "As long as I am living, I shall go to Brindavan And shall take bath in Radhakunda and Shyamakunda And shall go round the hill Gobardhan. I shall gladly drink the water of the river Yamuna So that I shall attain salvation." Salabeg's deep devotion has also been evident in another hymn as follows. " This is my humble prayer, O the God of poors Let my mind be engaged always in your



service I may be deprived of my food and cloth I will be happy looking at the Neelachakra flag at the peak of the temple O, Lord of the Universe, don't be cruel to me". Although the prayer songs of Salabeg seem to be similar in theme, but in language, emotions and rhythms those are diverse and multi-coloured.The intensity of devotional feelings are so great that those are very much enchanting as well as captivating. Salabeg is a poet of deep devotion, sympathy and human understanding. He is a staunch devotee of Sri Jagannath and Sri Krushna. He does not belong to any particular sect, caste or community. He is a universal preceptor, a great cosmopolitan, a passionate devotee, an extraordinary lyricist and liberal saint. His concern, fellow-feeling and strong sense of dedication to Sri Krishna and Sri Jagannath are incomparable. Lastly, his contribution to the growth of spiritual Oriya literature and secular Oriya traditions and culture is outstanding and memorable.

*Prof. Jagannath Mohanty lives at 2935, Gouri Nagar, Bhubaneswar- 751002*

# ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷା କଲେ ଶିଳ୍ପ ମନ୍ତ୍ରୀ




**ପୁରୀ:** ସରକାରଙ୍କ ର ପ୍ରତିଟି ଯୋଜନା ସାଧାରଣ ଜନତା ଙ୍କ ହିତ ପାଇଁ ଉଦିଷ୍ଟ। ଏହାର ସଫଳ ରୂପାୟନ ସହ ପ୍ରକୃତ ହିତାଧିକାରୀଙ୍କ ନିକଟରେ ସମସ୍ତ ଯୋଜନା ଯେପରି ପହଞ୍ଚେ ସେଥିପାଇଁ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ସର୍କିଟ ହାଉସ ଠାରେ ପୁରୀ ଜିଲ୍ଲା ରେ ବିଭିନ୍ନ ବିଭାଗର କାର୍ଯ୍ୟକାରିତା ସମ୍ପର୍କରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମୀକ୍ଷା କରିଥିଲେ। ରଥଯାତ୍ରା ଆସୁଥିବାରୁ ରାସ୍ତାଘାଟ ମରାମତି, ପାନୀୟ ଜଳ ବ୍ୟବସ୍ଥା, ପରିମଳ,ଆଲୋକ ବ୍ୟବସ୍ଥା, ଆଇନଶୃଙ୍ଖଳା,ପରିବହନ ବ୍ୟବସ୍ଥା, ଗମନାଗମନ, ପାର୍କିଂ ବ୍ୟବସ୍ଥା, ଟ୍ରାଫିକ ବ୍ୟବସ୍ଥା ଇତ୍ୟାଦି ଉପରେ ମନ୍ତ୍ରୀ ଗୁରୁତ୍ୱ ଦେବା ସହ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ ସହ ଜିଲ୍ଲାର ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ ଜିଲ୍ଲା ରେ ଆରକ୍ଷୀ ଉପସ୍ଥିତ ରହିବା ସହ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା,ଯୋଜନା ଓ ପର୍ଯ୍ୟାଲୋଚନା ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗଦେଇଥିଲେ।

# ରଥ ପାଇଁ ୨୧ ଅଖ ନିର୍ମାଣ ଶେଷ



**ପୁରୀ:** ତିନି ରଥର ୨୧ଟି ଅଖର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଅଖ ନିର୍ମାଣ ପରେ ଅନୁକୂଳ ପୂଜା ହୋଇ ଆଞ୍ଚ ଦଣ୍ଡାର ଚଉପଟ କାର୍ଯ୍ୟ ଆରମ୍ଭ ହୋଇଛି। ତିନିରଥ ବିଭିନ୍ନ ଅଂଶର ନିର୍ମାଣ କାର୍ଯ୍ୟ ସହ ପାଞ୍ଚ ଦଣ୍ଡା ଚଉପଟ ନିମନ୍ତେ କାଠ ସାଇତା କାର୍ଯ୍ୟ ମୁଖ୍ୟ ମହାରଣାମାନଙ୍କ ତଦାରଖରେ ସମ୍ପନ୍ନ ହୋଇଥିଲା। ପରମ୍ପରା ମୁତାବକ, ପବିତ୍ର ସ୍ନାନ ପୂର୍ଣ୍ଣିମାକୁ ତିନି ରଥର ଚକ ଓ ଅଖ ଏବଂ ଦଣ୍ଡା ସଂଯୋଗ ହୋଇ ଗରଗରା ଉପରେ ଚାରି ନାହାକା ଉଠିଥାଏ। ଆଜି ଅପରାହ୍ଣରେ ତିନି ରଥର ମୁଖ୍ୟ ମହାରଣା ସେବକମାନେ ଅନୁକୂଳ ପୂଜା ସହ ସାଥୀ ମହାରଣା ସେବକମାନେ ୪୦ ଫୁଟିଆ ଦଣ୍ଡା କାଠର ଚଉପଟ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏଥି ସହ ଆଜି ବାକି ଥିବା ତିନି ରଥର ୪ଟି ଲେଖାଏଁ ୧୪ ନାହାକାର ଚଉପଟ କାର୍ଯ୍ୟ ଶେଷ କରିଛନ୍ତି। ଚାରି ନାହାକାର ଉଭୟ ପାର୍ଶ୍ୱ ସାଲ କାର୍ଯ୍ୟ ଶେଷ ହୋଇଛି। ତିନି ରଥର ଦୁଇଟି ଲେଖାଏଁ ଗରଗରାର ଉଭୟ ପାର୍ଶ୍ୱ ବିନ୍ଧ ପରେ ବାକି ଥିବା ଅଖଗୁଡ଼ିକର ଦୁଇପାର୍ଶ୍ୱର ଗୋଲେଇ କାର୍ଯ୍ୟ ଶେଷ ହୋଇଛି। ତିନି ରଥର ମୁଖ୍ୟ ରୂପକାର ସେବକମାନେ ସିଂହାସନ ମୁହାଁଟିର ଖୋଦେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ଅନ୍ୟ ରୂପକାର ସେବକମାନେ ସାଲ ଗୁଜରେ ଶେଷ ସ୍ୱର୍ଶ ଦଇଛନ୍ତି।

## ରଥଯାତ୍ରା ପରିବହନ ନକ୍ସା ଚୂଡ଼ାନ୍ତ

# ତାଳବଣିଆରୁ ଜିଲ୍ଲା ହାଇସ୍କୁଲ ଯାଏଁ ମାଗଣାରେ ଗଡ଼ିବ ୧୦୦ ଅଟୋ

**କଟକ:** ଶ୍ରୀକ୍ଷେତ୍ର ପୁରୀରେ ରଥଯାତ୍ରା ପାଇଁ ତାଳବଣିଆରୁ ଜିଲ୍ଲା ହାଇସ୍କୁଲ ଯାଏ ୧୦୦ ଅଟୋ ଚଳାଚଳ କରିବ। ଏହି ଅଟୋରେ ଯାତ୍ରୀମାନେ ସମ୍ପୂର୍ଣ୍ଣ ମାଗଣାରେ ଯିବାଆସିବା କରିବେ। ଏ ପ୍ରକାର ସମସ୍ତ ବ୍ୟବସ୍ଥା ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ। ଏହାବାଦ୍ ପୁରୀକୁ ଚଳାଚଳ କରୁଥିବା ବସ୍ ଓ ଅଟୋ ଚାଳକମାନେ ଯାତ୍ରୀଙ୍କ ଠାରୁ ଯେଉଁଳି ଧାର୍ଯ୍ୟ ଭଡ଼ାଠାରୁ ଅଧିକ ଟଙ୍କା ନ ନିଅନ୍ତି ସେ ନେଇ ବସ୍ ମାଲିକଙ୍କୁ ସତର୍କ କରାଇଛି ପରିବହନ ବିଭାଗ। ପରିବହନ କମିସନରଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ବୈଠକରେ ଏ ପ୍ରକାର ନିଷ୍ପତ୍ତି ହୋଇଛି। ସୂଚନା ଅନୁଯାୟୀ, ଚଳିତଥର ରଥଯାତ୍ରା ପାଇଁ କଟକରେ ଥିବା ପରିବହନ କମିସନରଙ୍କ କାର୍ଯ୍ୟାଳୟରେ ଏକ ସମନ୍ୱୟ ବୈଠକ ଶୁକ୍ରବାର ଆୟୋଜିତ ହୋଇଛି। ବୈଠକର ନିଷ୍ପତ୍ତି ମୁତାବକ, ଅନ୍ୟ ରୁଟ୍‌ରେ ଚଳାଚଳ କରୁଥିବା ଗାଡ଼ିଗୁଡ଼ିକୁ ପୁରୀ ପାଇଁ ସ୍ୱତନ୍ତ୍ର ପରମିଟ୍ ପ୍ରଦାନ କରାଯିବ। ଆଗ୍ରହୀ ବସ୍ ମାଲିକମାନେ ଏଥିପାଇଁ କିଭଳି ସୁବିଧାରେ ଆବେଦନ କରିବେ ଓ ଅନୁମତି ପାଇବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଯଦି କେହି ବସ୍ କର୍ମଚାରୀ ନିର୍ଦ୍ଧାରିତ ବସ୍ ଭଡ଼ା ଠାରୁ କୌଣସି ଅଧିକ ଭଡ଼ା ଯାତ୍ରୀଙ୍କଠାରୁ ଦାବି କରିବାର ଅଭିଯୋଗ ଆସେ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ। ସେ ନେଇ ବସ୍ ମାଲିକ ସଂଘ ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଛି।

# ଗାଁ ବିକାଶ ପାଇଁ ୧୦ ହଜାର କୋଟି: ୬ଲକ୍ଷ ହିତାଧିକାରୀଙ୍କୁ ମିଳିବ ନୂଆ ରାସନ୍ କାର୍ଡ: ମୁଖ୍ୟମନ୍ତ୍ରୀ

**ପୁରୀ:** 'ଗାଁରେ ବସିବ ପଲ୍ଲୀସଭା। ଗ୍ରାମବାସୀଙ୍କ ସହମତିରେ ପଲ୍ଲୀସଭାରେ ଅନୁମୋଦନ ହେବ ଉନ୍ନୟନମୂଳକ ପ୍ରକଳ୍ପ। ଗାଁର ଉନ୍ନତି ଦାୟିତ୍ୱ ଗ୍ରାମବାସୀ ନେବେ। ସରକାର ବିଶ୍ୱାସ ଓ ଭରସାର ସେତୁବନ୍ଧ ହୋଇ ହୋଇ ଗ୍ରାମବାସୀଙ୍କ ସହ ଛିଡ଼ାହେବେ। ୧୦ ହଜାର କୋଟି ଟଙ୍କା ବିନିମୟରେ ଏଭଳି ଢଙ୍ଗରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାର ରୂପାୟନ ହେବ। ୨୦୨୬ ମସିହା ସୁଦ୍ଧା ପ୍ରତି ଗାଁକୁ ପାନୀୟ ଜଳ, ସବୁ ଗାଁକୁ ରାସ୍ତା ଏବଂ ବାସହୀନଙ୍କ ମୁଣ୍ଡ ଉପରକୁ ଛାତ ଯୋଗାଇ ଦିଆଯିବ।' ପୁରୀ ତାଳବଣିଆ ପଡ଼ିଆରେ ଅନୁଷ୍ଠିତ 'ଜାତୀୟ ପଞ୍ଚାୟତିରାଜ ଦିବସ'



ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏମିତି ଦୃଢ଼ ମତ ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ଭାବେ କହିଛନ୍ତି, ଆମ ଶାସନ ବ୍ୟବସ୍ଥାର ମୂଳକେନ୍ଦ୍ର ପଞ୍ଚାୟତିରାଜ ବ୍ୟବସ୍ଥା। ଓଡ଼ିଶାରେ ୮୩ ପ୍ରତିଶତ ଲୋକ ଗ୍ରାମରେ ବାସ କରନ୍ତି। ଯେତେ ଦିନ ପର୍ଯ୍ୟନ୍ତ ଗାଁର ବିକାଶ ହୋଇନାହିଁ ସେତେଦିନ ପର୍ଯ୍ୟନ୍ତ ଦେଶର ବିକାଶ ହୋଇପାରିବ ନାହିଁ। ଗାଁର ବିକାଶ ହିଁ ଉତ୍ତମ ପ୍ରାଶାସନିକ ମନ୍ତ୍ର ବୋଲି ଶ୍ରୀ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ, ଗତ ଅଢ଼େଇ ଦଶନ୍ଧି ଧରି ପଲ୍ଲୀସଭାକୁ ସମ୍ପୂର୍ଣ୍ଣ ଭାବେ ପଙ୍ଗୁ କରି ଦିଆଯାଇଥିଲା। ଜଳ, ଜମି, ଜଙ୍ଗଲକୁ ବ୍ୟବସାୟୀଙ୍କ ହାତରେ ଟେକି ଦିଆଯାଇଥିଲା। ସେଥିପାଇଁ ଗ୍ରାମୀଣ ବିକାଶଧାରା ଅଧାରେ ଅଟକିଯାଇଛି। ପଲ୍ଲୀସଭା ବଦଳରେ ସବୁକିଛି କେବଳ ପଞ୍ଚାୟତ ଖାତାରେ ଲିପିବଦ୍ଧ କରାଯାଉଥିଲା। ଏବେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାରେ ଗାଁରେ ରାସ୍ତା, ପାଣି, ସାଧନ କେନ୍ଦ୍ର, କମ୍ୟୁନିଟି ସେଣ୍ଟରଠାରୁ ନେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯିବ। ଅତୀତରେ ଇନ୍ଦିରା ଆବାସ ବଣ୍ଟନ ଦଳୀୟ ଭିତ୍ତିରେ କରାଯାଉଥିଲା। ଆମ ସରକାର ନୂଆ ସର୍ଭେ ପରେ ୧୫ ଲକ୍ଷରୁ ଅଧିକ ଲୋକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ୫ ଲକ୍ଷ ଭିନ୍ନକ୍ଷମ, ରୋଗୀ, ଅନାଥ, ନିରାଶ୍ରୟ ଓ ବିଧବା ମହିଳାଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରାଯାଇ ତୁରନ୍ତ ଘର ଯୋଗାଇବା ପ୍ରକ୍ରିୟା ଆରମ୍ଭ ହୋଇଛି।



ରଥଯାତ୍ରାର ସୁରକ୍ଷାକୁ ଦୃଷ୍ଟିରେ ରଖି ପୁରୀ ସମୁଦ୍ର କୂଳ ଥାନା ତରଫରୁ ଭାରପ୍ରାପ୍ତ ଅଧିକାରୀ ମାନସ ଚକ୍ରଙ୍କ ନେତୃତ୍ୱରେ ପୁରୀ ସମୁଦ୍ର ବେଳାଭୂମୀରେ ଅଂଚଳ ତନଖୀ ଓ ତଦାରଖ ଆରମ୍ଭ କରାଯାଇଅଛି।





ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିବା ଅବସରରେ ।


ପୁରୀ ରଥଯାତ୍ରା ପ୍ରସ୍ତୁତି ସଂପର୍କରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ।


ସମ୍ବଲପୁରରେ ଟର୍ମିନାଲ ମାର୍କେଟ କମ୍ପ୍ଲେକ୍ସ ପ୍ରତିଷ୍ଠା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ ଭେଟିଲେ।


 କନକ ନ୍ୟୁଜ୍ ଆନୁକୂଲ୍ୟରେ ଆୟୋଜିତ ଶିକ୍ଷା ସମ୍ମିଳନୀ 'ଉତ୍କର୍ଷ' କୁ ରାଜ୍ୟପାଳ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିବା ସହ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ୍‌ର ସିଏମ୍‌ଡି ସୌମ୍ୟ ରଂଜନ ପଟ୍ଟନାୟକ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ ଏବଂ କନକ ନ୍ୟୁଜ୍‌ର ସଂପାଦିକା ତନୟା ପଟ୍ଟନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଭୁବନେଶ୍ୱର ଓୟୁଏଟି ପରିସରରେ ବିକଶିତ କୃଷି ସଂକଳ୍ପ ଅଭିଯାନର ଶୁଭାରମ୍ଭ

**ଭୁବନେଶ୍ୱର:** ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପରିସରରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହାନ, ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷି ବିଭାଗର ବରିଷ୍ଠ ଅଧିକାରୀ ଓ କୃଷି ବୈଜ୍ଞାନିକମାନେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ସମ୍ବୋଧିତ କରି କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂ



ଚୌହାନ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କୃଷି କ୍ଷେତ୍ରରେ ପରିବର୍ତ୍ତନ ଆଣିବା ଲାଗି ଆଜି ଠାରୁ ସାରା ଦେଶରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ ହେଉଛି। ଦେଶର ୨ହଜାର ୧୭୦ଟି ସ୍ଥାନରେ କୃଷି ବୈଜ୍ଞାନିକ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧିକାରୀମାନେ ଚାଷୀଙ୍କ ସହ ମତବିନିମୟ କରୁଛନ୍ତି । ସେମାନେ ଏହି କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଛନ୍ତି । ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦର ଦେଶର କୃଷି କ୍ଷେତ୍ର ଅଧିକ ସମୃଦ୍ଧ ହେଉ ବୋଲି କାମନା କରି କେନ୍ଦ୍ର କୃଷି ମନ୍ତ୍ରୀ କହିଥିଲେ, ଦେଶର ଚାଷୀମାନେ କେବଳ ଅନ୍ନଦାତା ନୁହନ୍ତି ସେମାନେ ଜୀବନଦାତା ମଧ୍ୟ। ଚାଷୀମାନେ ଦେଶର ଖାଦ୍ୟାନ୍ନ ଭଣ୍ଡାର ଭରୁଛନ୍ତି । ଚାଷୀମାନଙ୍କ ଘର ମଧ୍ୟ ଯେପରି ଖାଲି ନରହିବ, କୃଷି ଲାଭଜନକ ବେଉସା ହେବ ଏବଂ ସେମାନେ ନିଜ ଫସଲର ଲାଭଜନକ ମୂଲ୍ୟ ପାଇପାରିବେ ସେଥିପାଇଁ ପଦକ୍ଷେପ ନିଆଯାଉଛି ।


ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ କଲେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ସଞ୍ଜୟ ଜାଜୁ ।


କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଭୁବନେଶ୍ୱରସ୍ଥିତ ଆଇସିଏଆର-କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ପ୍ରତିଷ୍ଠାନ (ଆଇସିଏଆର-ସିଫା), ଠାରେ 'ବିକଶିତ କୃଷି ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ କରିବା ଅବସରରେ ଏବଂ ଉଦଘାଟନୀ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ତଥା ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ଓ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଆଇସିଏଆର ମହାନିର୍ଦ୍ଦେଶକ ତଥା ସଚିବ (ଡିଏଆରଇ) ଡକ୍ଟର ଏମଏଲ ଜାଟ୍, ମତ୍ସ୍ୟ ବିଜ୍ଞାନ ଉପମହାନିର୍ଦ୍ଦେଶକ ଡକ୍ଟର ଜେ.କେ. ଜେନା, କୃଷି ସମ୍ପ୍ରସାରଣ ଉପମହାନିର୍ଦ୍ଦେଶକ ଡକ୍ଟର ରାଜବୀର ସିଂ, କୋଲକାତା ଆଇସିଏଆର-ଏଟିଏଆରଆଇ ନିର୍ଦ୍ଦେଶକ ଡକ୍ଟର ପ୍ରଦୀପ ଦେ ପ୍ରମୁଖ ଯୋଗ ଦେଇଥିଲେ ।



ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀକୁ ଜନଜାତି ଗୌରବ ବର୍ଷ ଭାବରେ ପାଳନ ନିମନ୍ତେ ପ୍ରସ୍ତୁତି ସଂପର୍କରେ ନୂଆଦିଲ୍ଲୀସ୍ଥିତ ବାସଭବନରେ ଗଣମାଧ୍ୟମକୁ ଉଦ୍‌ବୋଧନ ଦେବା ଅବସରରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ।

## ମାଟ୍ରିକ ଟପରଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ


ରାଜଭବନଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ୨୦୨୫ ମସିହା ବୋର୍ଡ୍ ଅଫ୍ ସେକେଣ୍ଡାରୀ ଏଜୁକେସନ୍ (ବିଏସ୍‌ଇ), ସେଣ୍ଟ୍ରାଲ୍ ବୋର୍ଡ୍ ଅଫ୍ ସେକେଣ୍ଡାରୀ ଏଜୁକେସନ୍ (ସିବିଏସ୍‌ଇ) ଏବଂ କାଉନସିଲ ଫର୍ ଦ ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍ ଏକଜାମିନେସନ (ଆଇସିଏସ୍‌ଇ) ଦ୍ୱାରା ଅନୁଷ୍ଠିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ରାଜ୍ୟରେ ସର୍ବୋଚ୍ଚ ନମ୍ବର ରଖି ଟପର ହୋଇଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ରାଜ୍ୟପାଳ ହରିବାବୁ କମ୍ଭମ୍ପତି।



ନୋଏଡା ଏବଂ ବେଙ୍ଗାଲୁରୁ ରେ ଭାରତର ପ୍ରଥମ ୩ଏନଏମ ଚିପ୍ ଡିଜାଇନ୍ କେନ୍ଦ୍ରକୁ ଶୁଭାରମ୍ଭ କରିବା ଅବସରରେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ।


ଆଦମପୁର ବାୟୁସେନା ଘାଟିଠାରେ ଦେଶର ସାହାସୀ ବାୟୁବୀର ଏବଂ ସୈନିକମାନଙ୍କୁ ସମ୍ବୋଧିତ କରିବା ସହ ମତବିନିମୟ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ


ଜାମ୍ମୁ-କାଶ୍ମୀରର ପୁଞ୍ଚର ସୀମାପାର ଆକ୍ରମଣରେ ପ୍ରଭାବିତ ପରିବାର ସଦସ୍ୟଙ୍କୁ ସରକାରୀ ଚାକିରି ପାଇଁ ନିଯୁକ୍ତି ପତ୍ର ବଣ୍ଟନ କରୁଛନ୍ତି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ।


କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ସଂଜୟ ଜାଜୁଆଜି ଢେଙ୍କାନାଳସ୍ଥିତ ଭାରତୀୟ ଜନ ସଂଚାର ସଂସ୍ଥାନ (ଆଇଆଇଏମସି) ପରିଦର୍ଶନ କରିବା ସହ ଏହାର ଅଗ୍ରଗତିର ସମୀକ୍ଷା କରିଛନ୍ତି।

## ହୋଲକରଙ୍କ ଜନ୍ମବାର୍ଷିକୀ ଓ ମହାସମ୍ମେଳନରେ ମୋଦି

ଲୋକମାତା ଦେବୀ ଅହିଲ୍ୟାବାଇ ହୋଲକରଙ୍କ ୩୦୦ତମ ଜନ୍ମବାର୍ଷିକୀ ଅବସରରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମଧ୍ୟପ୍ରଦେଶର ଭୋପାଳରେ ଲୋକମାତା ଦେବୀ ଅହିଲ୍ୟାବାଇ ମହିଳା ସଶକ୍ତୀକରଣ ମହାସମ୍ମେଳନକୁ ସମ୍ବୋଧିତ କରିଥିଲେ। ସେ ଭୋପାଳରେ ଅନେକ ବିକାଶମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ ମଧ୍ୟ କରିଥିଲେ। ଶ୍ରଦ୍ଧାଳି ଅର୍ପଣ କରି ଭାରତର ମହିଳାମାନଙ୍କ ଶକ୍ତିକୁ ସ୍ୱୀକାର କରି ତାଙ୍କ ବକ୍ତବ୍ୟ ଆରମ୍ଭ କରିଥିଲେ।




ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ ଯେ, ଆଜି ଲୋକମାତା ଦେବୀ ଅହିଲ୍ୟାବାଇ ହୋଲକରଙ୍କ ୩୦୦ତମ ଜନ୍ମବାର୍ଷିକୀ, ୧୪୦ କୋଟି ଭାରତୀୟଙ୍କ ପାଇଁ ପ୍ରେରଣାର ଏକ ଅବସର ଏବଂ ରାଷ୍ଟ୍ର ନିର୍ମାଣର ସ୍ମାରକୀ ପ୍ରୟାସରେ ଯୋଗଦାନ ଦେବାର ଏକ ମୁହୂର୍ତ୍ତ। ପ୍ରଧାନମନ୍ତ୍ରୀ ଇନ୍ଦୋର ମେଟ୍ରୋର ଶୁଭାରମ୍ଭ ଏବଂ ଦାତିଆ ଏବଂ ସତନା ପାଇଁ ବିମାନ ସଂଯୋଗୀକରଣ ସମ୍ପର୍କରେ ଉଲ୍ଲେଖ କରିଥିଲେ।


ରଥଯାତ୍ରା ୨୦୨୫ ଶୃଙ୍ଖଳିତ ଭାବେ ସମାପନ କରିବା ପାଇଁ ପୁରୀ ପୋଲିସ ଏବଂ ପୁରୀର ସାତ ସାହି ଆଖଡ଼ାର କର୍ମକର୍ତ୍ତାମାନଙ୍କ ସହିତ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ଅତିଥି ଭାବେ ଯୋଗଦେଇଛନ୍ତି ପୁରୀର ଆରକ୍ଷୀ ଅଧିକ୍ଷକ ବିନିତ୍ ଅଗ୍ରୱାଲ୍ ସମସ୍ତ କର୍ମକର୍ତ୍ତାଙ୍କ ସାହାର୍ଯ୍ୟ ଓ ସହଯୋଗ ଲୋଡ଼ିଛନ୍ତି।

## ଓସିସିଏଲ୍‌ର ୬୩ ତମ ପ୍ରତିଷ୍ଠା ଦିବସ ପାଳିତ



**ଭୁବନେଶ୍ୱର :** ଓଡିଶା ନିର୍ମାଣ ନିଗମ ଲିମିଟେଡ୍ ( ଓସିସିଏଲ ), ଭୁବନେଶ୍ୱରର ୬୩ ତମ ପ୍ରତିଷ୍ଠା ଦିବସ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ନିଗମ ତରଫରୁ ନିଗମର କାର୍ଯ୍ୟ ଏବଂ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ କୁ ଲକ୍ଷ୍ୟ ରଖି ଏବଂ ଭବିଷ୍ୟତ କାର୍ଯ୍ୟ ପନ୍ଥା ନିର୍ଦ୍ଧାରଣ ପରିପ୍ରେକ୍ଷୀରେ ଏକ ଗୁରୁତ୍ୱ ପୂର୍ଣ୍ଣ କର୍ମଶାଳାର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମକୁ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ତଥା ଓସିସିଏଲର ଅଧ୍ୟକ୍ଷା ଅନୁ ଗର୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ ।


ଲୋକସେବା ଭବନରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ପୂର୍ତ୍ତବିଭାଗ ତଥା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଉପସ୍ଥିତିରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚାଲୁଥିବା ବ୍ଲକ ସ୍ତରୀୟ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପ୍ରକଳ୍ପର ସମୀକ୍ଷା କରାଯାଇଛି ।


ଲୋକସେବା ଭବନଠାରେ ମିଶନ ଶକ୍ତି ବିଭାଗ ପକ୍ଷରୁ 'ଲକ୍ଷପତି ଦିଦି ସମ୍ମିଳନୀ ୨୦୨୫' ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱୟଂ ସହାୟକ ଗୋଷ୍ଠୀ ଆଧାରିତ ଆର୍ଥିକ କାର୍ଯ୍ୟକଳାପ ଜରିଆରେ ବାର୍ଷିକ ଏକ ଲକ୍ଷ ଟଙ୍କା ବା ତଦୂର୍ଦ୍ଧ୍ୱ ଆୟ କରିଥିବା ଲକ୍ଷପତି ଦିଦିମାନଙ୍କୁ ସମ୍ମାନିତ କରିବା ଅବସରରେ। ଏଥିରେ ସମ୍ମାନିତ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଯୋଗଦେଇଥିଲେ।


ବିପ୍ଲବୀ ଜନନେତା, ନାଟ୍ୟକାର, ବିଶିଷ୍ଟ ଗାନ୍ଧିବାଦୀ ସ୍ୱାଧୀନତା ସଂଗ୍ରାମୀ ତଥା ସ୍ୱର୍ଗତ ପରଶୁରାମ ହରିଚନ୍ଦନଙ୍କ ୪୮ତମ ଶ୍ରାଦ୍ଧୋତ୍ସବ ଅବସରରେ ଗମ୍ଭାରୀମୁଣ୍ଡା ସ୍ଥିତ ପତିତପାବନ ସରକାରୀ ଉଚ୍ଚବିଦ୍ୟାଳୟ ଠାରେ ଅବସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିକଶିତ କୃଷି ସଂକଳ୍ପ...

ସୋୟାବିନର ଉତ୍ପାଦକତା ହେକ୍ଟର ପିଛା ୯୮୫ କିଲୋଗ୍ରାମରୁ ବୃଦ୍ଧିପାଇ ୧୧୬୯ କିଲୋ ପ୍ରତି ହେକ୍ଟର ହୋଇଛି। ବାଡ଼ିବଗିଚା କ୍ଷେତ୍ରର ଉତ୍ପାଦନ ମଧ୍ୟ ୩୬୨୧ ଲକ୍ଷ ଟନ୍‌ରେ ପହଞ୍ଚିବାର ଅନୁମାନ କରାଯାଇଛି। ଏହି ଭଳି ଉପଲବ୍ଧ ଦର୍ଶାଏ ଯେ ଆମର କୃଷକମାନଙ୍କ ଶ୍ରମ, ବୈଜ୍ଞାନିକମାନଙ୍କ ଗବେଷଣା କ୍ଷମତା ଏବଂ ମୋଦି ସରକାରଙ୍କ କୃଷକ କଲ୍ୟାଣକାରୀ ନୀତିର ମିଶ୍ରଣ ଫଳରେ କୃଷିକ୍ଷେତ୍ର ପ୍ରତିଦିନ ନୂଆ ନୂଆ ଶୀର୍ଷ ଛୁଇଁବାରେ ଲାଗିଛି। 'ବିକାଶ କୃଷି ସଂକଳ୍ପ ଅଭିଯାନ କୃଷକମାନଙ୍କ ଜୀବନକୁ ଉତ୍ତମ କରିବା ନିମନ୍ତେ ଏକ ମହାଅଭିଯାନ ଅଟେ। ମୋର କୃଷକ ଭାଇ ଓ ଭଉଣୀମାନଙ୍କୁ ନିବେଦନ, ଆପଣମାନେ ସମସ୍ତେ ଏହି ମହାଅଭିଯାନ ସହିତ ଜଡ଼ିତ ହୁଅନ୍ତୁ, କାର୍ଯ୍ୟକ୍ରମର ଫାଇଦା ଉଠାନ୍ତୁ। ବୈଜ୍ଞାନିକମାନଙ୍କ ଦ୍ୱାରା ଦିଆଯାଉଥିବା ପରାମର୍ଶକୁ ମାନି ନିଜର କୃଷିକୁ ଉନ୍ନତ କରନ୍ତୁ। ଦେଶରେ ଉତ୍ପାଦନ ବଢ଼ୁ, ଖର୍ଚ୍ଚ ହ୍ରାସପାଉ ଏବଂ କୃଷକମାନଙ୍କୁ ଏହାର ସକଳ ଫାଇଦା ପ୍ରାପ୍ତହେଉ, ଏହି ଉଦ୍ଦେଶ୍ୟର ସହିତ ବିକଶତ କୃଷିର ଏହି ମହାଯଜ୍ଞ ସଫଳ ହେଉ, ଯାହା ବିକଶିତ ଭାରତର ଆଧାରଶିଳାରେ ପରିଣତ ହୋଇପାରିବ ।

## ରାଣୀ ଅହଲ୍ୟାବାଈ...

ସେ ତତ୍କାଳୀନ ସତୀପ୍ରଥାକୁ ନାପସନ୍ଦ କରିବା ସଙ୍ଗେ ସଙ୍ଗେ ଯୌତୁକ ପ୍ରଥାକୁ ଅପରାଧ ବୋଲି ଘୋଷଣା କରିଥିଲେ। ସମଗ୍ର ଦେଶରେ ଅନ୍ତଃରାଜ୍ୟ ବିବାହକୁ ସମର୍ଥନ ଜଣାଇ ସେ ବିଧବାମାନଙ୍କୁ ଉତ୍ତରାଧିକାରୀ ସୂତ୍ରରେ ସମ୍ପତ୍ତି ହାସଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କ୍ଷମତା, ଧନ ଓ ବୈଭବ ପ୍ରତି ନିଜର ଆସକ୍ତି ତୁଟାଇ ଏହାକୁ ଈଶ୍ୱରଙ୍କ ଦାନ ବୋଲି ମନେ କରି ନିଜକୁ ରାଜ୍ୟର ପ୍ରତ୍ୟେକ କାର୍ଯ୍ୟ ପାଇଁ ଉତ୍ତରଦାୟୀ ଭାବି ସେ ଛତ୍ରପତି ଶିବାଜୀଙ୍କର ପଦାନୁସରଣ କରୁଥିଲେ। ନିଜର ବ୍ୟକ୍ତିଗତ ଓ ପାରିବାରିକ ଖର୍ଚ୍ଚର ଭରଣ ନିମନ୍ତେ ସେ ସାର୍ବଜନୀନ ଅର୍ଥକୁ ବିନିଯୋଗ କରିବା ପାଇଁ ସର୍ବଦା ବାରଣ କରୁଥିଲେ ଓ ସ୍ୱଅର୍ଜିତ ଅର୍ଥକୁ ବିଭିନ୍ନ ଦାତବ୍ୟ କାର୍ଯ୍ୟରେ ବିନିଯୋଗ କରୁଥିଲେ। ଭାରତ ଇତିହାସରେ ନିଜର ରାଜନୀତି ଓ ରଣନୀତି ଉତ୍ତମ ଭାବେ ପରିପ୍ରକାଶ ଓ ପ୍ରତିପାଦନ କରି ସେ ପ୍ରକୃତରେ 'ରାଷ୍ଟ୍ରମାତା'ର ପଦବୀ ଧାରଣ କରିଛନ୍ତି।

## ଅପରେସନ ସିନ୍ଦୂର...

ରାଜନୀତି କରିପାରିବେ ନାହିଁ । ତାଙ୍କ ବିବେକ ତାଙ୍କୁ ଏଥିଲାଗି ଅନୁମତି ଦେଉନାହିଁ। ଆତଙ୍କବାଦ ବିରୋଧରେ ଜାମ୍ମୁ ଓ କାଶ୍ମୀର ସାଧାରଣ ଲୋକ ରାସ୍ତାକୁ ଓହ୍ଲାଇଛନ୍ତି। ସେମାନେ ପହଲଗାମ ଆକ୍ରମଣକୁ ନିନ୍ଦା କରିଛନ୍ତି ଏବଂ 'ପାକିସ୍ତାନ ମୁର୍ଦାବାଦ' ସ୍ଲୋଗାନ ଦେଇଛନ୍ତି। ଦୋକାନ, ବଜାର ମଧ୍ୟ ବନ୍ଦ କରାଯାଇଛି। ପାକିସ୍ତାନ ଆତଙ୍କବାଦ ବିରୋଧରେ ରାଜ୍ୟବାସୀ ପ୍ରଥମ ଥର ଲାଗି ଯେପରି ଏକଜୁଟ ହୋଇଛନ୍ତି ତାହା ଆତଙ୍କବାଦର ମୂଳୋତ୍ପାଟନକୁ ସୁଗମ କରିବ ବୋଲି ଓମାର କହିଛନ୍ତି। ଭାରତରେ ହିନ୍ଦୁ-ମୁସଲମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟିକରି ଫାଇଦା ନେବାକୁ ପାକିସ୍ତାନ ଚଳାଇଆସିଥି ? ହୀନ ଉଦ୍ୟମ କେବେହେଁ ସଫଳ ହୋଇପାରିବ ନାହିଁ ବୋଲି ଓୱେସୀ ପ୍ରତିକ୍ରିୟା ଦେଇଛନ୍ତି। ଆହୁରି ଅନେକ ମୁସଲମାନ ନେତା, ମୌଲବୀ, ସାଧାରଣ ନାଗରିକ ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି । ପାକିସ୍ତାନ ବିରୋଧରେ ଭାରତୀୟ ମୁସଲମାନ ଲଢ଼ିବାକୁ ପ୍ରସ୍ତୁତ ବୋଲି ସେମାନେ ରଣହୁଙ୍କାର ଦେଇଛନ୍ତି। ଶ୍ରୀନଗରର ଜାମା ମସଜିଦ୍‌ରେ ହୁରିୟାତ୍ ଅଧ୍ୟକ୍ଷ ମୀରଜ ଓମାର ଫାରୁକଙ୍କ ନେତୃତ୍ୱରେ ଦିବଙ୍ଗତ ଆତ୍ମାମାନଙ୍କ ଲାଗି ନିରବ ପ୍ରାର୍ଥନା କରାଯାଇଛି।

## ଆମ ସଂକଳ୍ପ-ନିଶା ନୁହେଁ ଜୀବନ...

ରାଜ୍ୟବ୍ୟାପୀ ବ୍ୟାପକ ଜନସଚେତନତା ଅଭିଯାନ କାର୍ଯ୍ୟକ୍ରମ ବିଶ୍ୱ ତମ୍ବାଖୁ ବର୍ଜନ ଦିବସ (ମଇ ୩୧) ଠାରୁ ଆରମ୍ଭ ହୋଇ ଆନ୍ତର୍ଜାତୀୟ ନିଶା ସେବନ ଓ ବେଆଇନ କାରବାର ନିରୋଧ ଦିବସ (ଜୁନ୍- ୨୬) ତାରିଖ ପର୍ଯ୍ୟନ୍ତ ଚାଲିବ।ଏହି ଅଭିଯାନର ଶୀର୍ଷକ ରହିଛି ଆମ ସଂକଳ୍ପ - ନିଶା ନୁହେଁ, ଜୀବନ। ଏହି ସଚେତନତା ଅଭିଯାନ ରାଜ୍ୟ ରାଜଧାନୀ ସହିତ ବିଭିନ୍ନ ସହରାଞ୍ଚଳ, ସମସ୍ତ ଜିଲ୍ଲା ସଦରମହକୁମା, ଉପଖଣ୍ଡ, ବ୍ଲକ, ଗ୍ରାମପଞ୍ଚାୟତ ଓ ପଲ୍ଲୀ ସ୍ତରରେ ଏହି ଅଭିଯାନକୁ ବ୍ୟାପକ କରାଯିବ,ଅର୍ଥାତ୍ ଗାଁରୁ ସହର ପର୍ଯ୍ୟନ୍ତ ଲୋକଙ୍କ ଭିତରେ ଏହି ଗୁରୁତ୍ୱପୂର୍ଣ୍ଣ ସାମାଜିକ ବାର୍ତ୍ତା ପ୍ରସାର କରାଯିବ।ତା' ସହିତ ପାରମ୍ପରିକ ପାଲା, ଦାସକାଠିଆ ଏବଂ ଘୋଡ଼ାନାଚ ତଥା ପଥପ୍ରାନ୍ତ ନାଟକ ମାଧ୍ୟମରେ ଏହି ଅଭିଯାନର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ଛାତ୍ରଛାତ୍ରୀ ଏବଂ ଯୁବପିଢ଼ିଙ୍କୁ ଏହି କାର୍ଯ୍ୟକ୍ରମରେ ଯୋଡିବାକୁ ଲକ୍ଷ୍ୟ ରଖାଯାଇଛି।ଏଥିପାଇଁ ସ୍କୁଲ, କଲେଜ ସ୍ତରରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର ଆୟୋଜନ ମଧ୍ୟ କରାଯିବ।ଏହା ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଏହାର ସଂପୃକ୍ତି ବିଷୟରେ ସଚେତନ କରାଯିବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ମାଦକଦ୍ରବ୍ୟର ବହୁଳ ବ୍ୟବହାର ଓ ଗଞ୍ଜେଇ, ଅଫିମ, ଚରସ, ବ୍ରାଉନସୁଗାର ଏବଂ କୋକେନ ଭଳି ଘାତକ ଦ୍ରବ୍ୟ ଆଦିର ଅପବ୍ୟବହାର କବଳରୁ ଓଡ଼ିଶାକୁ ମୁକ୍ତ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ । ସେହିପରି ଅପମିଶ୍ରିତ, ବିଷାକ୍ତ ଏବଂ ବେଆଇନ ମଦ କାରବାର ରୋକିବାରେ ଏହି ଅଭିଯାନ ବଳିଷ୍ଠ ଭୂମିକା ଗ୍ରହଣ କରିବ ବୋଲି ମୋର ଆଶା ଓ ବିଶ୍ୱାସ ରହିଛି। ଏହି କାର୍ଯ୍ୟକ୍ରମ ଅବସରରେ ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ, ଅବକାରୀ ବିଭାଗର କମିଶନର ତଥା ପ୍ରମୁଖ ସଚିବ ଶ୍ରୀମତୀ ଗୁହା ପୁନମ୍ ତାପସ କୁମାର, ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ସମେତ ବିଭାଗୀୟ ଅଧିକାରୀ ଗଣ ପ୍ରମୁଖ ଉପସ୍ଥିତ ଥିଲେ।

## The Life of Lord Chaitanya...

that you have injured me, I still request you to chant the holy name of God." Jagai was astonished and moved by Srila Nityananda's behaviour and he at once fell down at his feet, begging pardon for their sinful behaviour. But as Madhai again attempted to hurt Srila Nityananda, Jagai protected him and implored him to also fall down at his feet. Meanwhile Sri Chaitanya having heard of Nityananda's injury at once rushed to the spot to take a stiff action against them but Nityananda refrained him from his mission namely, to deliver the hopelessly fallen souls of the Kaliyuga. The brothers Jagai and Madhai were, after all, typical examples of the present day population. Because of Nityananda's intervention and their own sincere surrender at Chaitanya's lotus feet, Chaitanya at length was pacified, and the brothers became welcome devotees of Sri Chaitanya. To deliver the debased population of Kaliyuga Sri Chaitanya appeared, and out of his mercy he gave us the simple method of self-realisation - chanting of the holy name of God. Once when the great impersonalist Sanyasi Prakashananda Saraswati asked Sri Chaitanya why he was propogating the Sankirtana movement instead of studying the Vedanta-Sutra, which is generally understood to be the duty of a Sanyasi, Sri Chaitanya replied very humbly as follows : "The reason why I perform Sankirtana instead of studying the Vedanta-Sutra is that I am a great fool. And because I am a great fool my spiritual master forbade me to play with Vedanta philosophy. He said it would be better for me to chant the holy name of the Lord for that would beliver me from material bondage." Swami and Goswami are different synonyms of the word for persons who are in full control of the senses. Don't think that you cannot control your senses. Everyone is able. You'll get strength by this process. This chanting of mantra will help you to feel the God everywhere. Don't be dejected by thinking that you have no strength. You will get strength by continuing this process of Kirtanam Sravanam, which means chanting of Hare Krishna, Hare Krishna . . . . and hear some passages from the Bhagavad Gita and Srimad Bhagavatam, utilize these two processes and you will find strength for your spiritual life. So in this age there is no religion other than glorifying the Lord by chanting His holy name and that is the injunction of all the revealed scriptures. Everything is there in the chanting of "Hare Krishna, Hare Krishna, Krishna Krishna Hare Hare, Hare Rama, Hare Rama, Rama Rama Hare Hare."

*Alok Mishra is working in the Lodha Group of Companies, Mumbai.*




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସାକ୍ଷୀଗୋପାଳଠାରେ ବୃକ୍ଷରୋପଣ ଓ ପଦଯାତ୍ରାରେ ଯୋଗ ଦେବା ସହିତ କୃଷି ବିଜ୍ଞାନ କେନ୍ଦ୍ରର ଉଦଘାଟନ କରିବା ଅବସରରେ।



ରଣପୁର ବିଧାନସଭାରେ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହେଲେ ସାଂସଦ ଡ. ସମ୍ବିତ ପାତ୍ର।





ପୁରୀଠାରେ ଅନୁଷ୍ଠିତ ଅପରେସନ ସିନ୍ଦୁର ପରାକ୍ରମ ଶୋଭଯାତ୍ରାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସାଂସଦ ଡ. ସମ୍ବିତ ପାତ୍ର ଓ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ଯୋଗଦାନ।




ପୁରୀ ଟାଉନ ହଲ ଠାରେ ଶ୍ରୀଜୀଉ ଫାଉଣ୍ଡେସନ ପରିବାର ଦ୍ୱାରା ଆୟୋଜିତ ଶିକ୍ଷାଶ୍ରୀ ସମ୍ମାନ ୨୦୨୫ରେ ବିଭିନ୍ନ ବ୍ୟକ୍ତି ବିଶେଷ ଓ ପୁରୀ ଜିଲ୍ଲାର ବିଭିନ୍ନ ବ୍ଲକରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୯୦% ରଖି ପାସ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରୁଛନ୍ତି ଅତିଥିଗଣ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅର୍ଗସ ନ୍ୟୁଜ ଚ୍ୟାନେଲ ଯୁବ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ



ଭାରତରେ କ୍ୟାମ୍ପସ ସ୍ଥାପନ ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀଠାରେ ୟୁକେର ପ୍ରମୁଖ ଶିକ୍ଷାନୁଷ୍ଠାନ ମଧ୍ୟରୁ ଅନ୍ୟତମ ଲିଭରପୁଲ ବିଶ୍ୱବିଦ୍ୟାଳୟକୁ ଚୁକ୍ତିପତ୍ର ହସ୍ତାନ୍ତର କରିଛନ୍ତି ।



ଚିଲିକା ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ବୈଠକ ସମାପ୍ତ ପରେ ଚିଲିକା ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ୨୯ ଜଣ ନୂତନ ଯୋଗ୍ୟ ହିତାଧିକାରୀ ମାନଙ୍କୁ ରାସନ କାର୍ଡ ବଣ୍ଟନ କରୁଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।



ଅନୁଗୁଳ ଜିଲ୍ଲାରେ ଶିକ୍ଷାର ବିକାଶ ଲାଗି ତାଳଚେରସ୍ଥିତ ନୂତନ କେନ୍ଦ୍ରୀୟ ବିଦ୍ୟାଳୟର ଲୋକାର୍ପଣ ସହ ସ୍ଥାୟୀ କ୍ୟାମ୍ପସ ପାଇଁ ଭୂମିପୂଜନ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।




ଦାମିଆ ବରବରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ସିବିଡ଼ା ଗ୍ରାମକୁ ପରିଦର୍ଶନ କରି ଗ୍ରାମବାସୀ ମାନଙ୍କ ସହ ସେମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝୁଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।





ପୁରୀ ସଂସ୍କୃତି ଭବନ ଠାରେ ଆୟୋଜିତ ରାଷ୍ଟ୍ରୀୟ ମାନବାଧିକାର କର୍ମୀ ସମ୍ମିଳନୀ ଓ ପ୍ରଶିକ୍ଷଣ ଶିବିର- ୨୦୨୫ରେ ଆମନ୍ତ୍ରିତ ଅତିଥି ଭାବେ ରାଜ୍ୟସାଂସଦ ଶୁଭାଶିଷ ଖୁଂଟିଆ ଯୋଗଦେବା ଅବସରରେ...



ପୁରୀ ସଦର ନିର୍ବାଚନ ମଣ୍ଡଳୀ ପକ୍ଷରୁ ବଗଲା ଧର୍ମଶାଳାଠାରେ ଆୟୋଜିତ ବିଜେପିର 'ସକ୍ରିୟ ସଦସ୍ୟ ସମ୍ମିଳନୀ'ରେ ଦଳର ବରିଷ୍ଠ ନେତୃବୃନ୍ଦ, ସକ୍ରିୟ ସଦସ୍ୟ ମାନଙ୍କ ସହ ଯେଗାଦେଇଛନ୍ତି ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ।




ପୁରୀ ଟାଉନ ହଲ ଠାରେ ପ୍ରିୟଙ୍କା ଦେବୀ ନର୍ସିଂ ଅଫ୍ ସ୍କୁଲର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଯୋଗଦେବା ଅବସରରେ।



ବୀର ସୁରେନ୍ଦ୍ର ସାଏ ମେଡ଼ିକାଲ କଲେଜ, ବୁର୍ଲା ପରିସରରେ 'ସୁପର ସ୍ପେସାଲିଟି ହସ୍ପିଟାଲ'କୁ ଉଦଘାଟନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ପ୍ରାୟ ୧୨୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ହସ୍ପିଟାଲରେ ୫୮ ଟି ଆଇସିୟୁ ଶଯ୍ୟା ସହିତ ମୋଟ୍ ୨୭୨ଟି ଶଯ୍ୟା ଅଛି ।

## ସିଆଇଏସ୍ଏଫ୍ କେଆରଟିସିକୁ ସମ୍ମାନଜନକ ସିବିସି ମାନ୍ୟତା

**ଭୁବନେଶ୍ୱର:** ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନ କଟକ ମୁଣ୍ଡଳୀସ୍ଥିତ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସଏଫ) ଖାରବେଳ କ୍ଷେତ୍ର ତାଲିମ କେନ୍ଦ୍ର (କେଆରଟିସି)କୁ ଜାତୀୟ ସିଭିଲ ସେବା ତାଲିମ ପ୍ରତିଷ୍ଠାନ (ଏନଏସସିଏସଟିଆଇ) ମାନକ ଅଧୀନରେ କ୍ଷମତା ନିର୍ମାଣ ଆୟୋଗ ପକ୍ଷରୁ 'ଉତ୍କୃଷ୍ଟ' ବା 'ସର୍ବୋତ୍ତମ' ମାନ୍ୟତା ଏବଂ ଥ୍ରୀ ଷ୍ଟାର ଗ୍ରେଡିଂ ପ୍ରଦାନ କରାଯାଇଛି । ଶ୍ରୀ ଚୌଧୁରୀ ଭେଙ୍କଟେଶ୍ୱର ରାଓଙ୍କ ନେତୃତ୍ୱରେ ଏକ ଦଳ ଏବଂ ସିବିସିର ବିଶେଷଜ୍ଞଙ୍କ ଦ୍ୱାରା ୨୯ ଓ ୩୦ ମେରେ କରାଯାଇଥିବା ଏକ କଠୋର ମୂଲ୍ୟାଙ୍କନ ଏବଂ



କ୍ଷେତ୍ରୀୟ ଆକଳନ ପରେ ଏହି ମାନ୍ୟତା ପ୍ରଦାନ କରାଯାଇଛି। ଏହି ମୂଲ୍ୟାଙ୍କନ ୮ଟି ସ୍ତମ୍ଭ ପ୍ରତି ସିଆଇଏସଏଫ କେଆରଟିସି ମୁଣ୍ଡଳୀର ଅନୁପାଳନକୁ ମୂଲ୍ୟାଙ୍କନ କରିଥିଲା। ସେଗୁଡ଼ିକ ହେଲା : ତାଲିମ ଆବଶ୍ୟକତା ଆକଳନ ଓ ପାଠ୍ୟକ୍ରମ ଡିଜାଇନ, ପ୍ରଶିକ୍ଷକଙ୍କ ବିକାଶ, ସମ୍ବଳ ଓ ତାଲିମ ଲକ୍ଷ୍ୟ, ପ୍ରଶିକ୍ଷାର୍ଥୀଙ୍କୁ ସହାୟତା, ଡିଜିଟାଲକରଣ ଓ ତାଲିମ ପ୍ରଦାନ, ସହଭାଗିତା, ତାଲିମ ମୂଲ୍ୟାଙ୍କନ ଓ ଗୁଣବତ୍ତା ଆଶ୍ୱାସନା ଏବଂ ପରିଚାଳନା ଓ ପ୍ରଶାସନ। ଏହି ମାନ୍ୟତା ଉଚ୍ଚମାନର ଶିକ୍ଷା ଏବଂ ତାଲିମ କାର୍ଯ୍ୟକ୍ରମ ପ୍ରଦାନ କରିବା ପ୍ରତି ସିଆଇଏସଏଫ କେଆରଟିସି ମୁଣ୍ଡଳୀର ପ୍ରତିବଦ୍ଧତାକୁ ସୂଚିତ କରେ।






## ମୁଖ୍ୟମନ୍ତ୍ରୀ ଟ୍ରଫି ପାଇଁ କ୍ରୀଡା ପ୍ରତିଭା ଚୟନ



**ପୁରୀ:** ପୁରୀ ଜିଲ୍ଲା ରୁ ୧୫ ବର୍ଷ ରୁ କମ ବୟସର ଫୁଟବଲ ଖେଳାଳି ଙ୍କୁ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ଚୟନ କରାଯାଇଛି ।ପ୍ରଥମ ପର୍ଯ୍ୟାୟରେ ପ୍ରତ୍ୟେକ ବ୍ଲକ ମାନଙ୍କର ଦଳ ମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ଶ୍ରେଷ୍ଠ ୪୦ ଜଣଙ୍କୁ ବଛା ଯାଇଥିଲା ।ପରବର୍ତ୍ତୀ ସମୟରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ରେ ୩ ଦିନ ପ୍ରଶିକ୍ଷଣ ଦିଆଯାଇ ଶ୍ରେଷ୍ଠ ଖେଳାଳି ଚୟନ କରାଯାଇଥିଲା ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, କ୍ରୀଡା ସଂସଦର ପୂର୍ବତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ ପ୍ରମୁଖ ଉପସ୍ଥିତ ରହି କ୍ରୀଡାବିତ ଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

## ଏସୀୟ ଦୌଡ଼କୁଦ: ଭାରତକୁ ଆଉ ୩ ସ୍ୱର୍ଣ୍ଣ

ଗୁମି (ଦକ୍ଷିଣ କୋରିଆ): ଚଳିତ ୨୬ତମ ଏସୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଭାରତୀୟ ଖେଳାଳି ଚମତ୍କାର ପ୍ରଦର୍ଶନ କରି ୩ଟି ଅପ୍ରତ୍ୟାଶିତ ସ୍ୱର୍ଣ୍ଣ ପଦକ ଅମଳ କରିଛନ୍ତି । ୩୬ ବର୍ଷର ଅନ୍ତ ଘଟାଇ ପୁରୁଷ ୩୦୦୦ ମିଟର ଷ୍ଟିପଲ୍‌ଚେଜ୍‌ରେ ଅବିନାଶ ସାବ୍‌ଲେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । କଡ଼ା ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇଥିବା ଅବିନାଶ ସାବ୍‌ଲେ ଶେଷ ୬ ଲ୍ୟାପ୍ ପୂର୍ବରୁ ତୃତୀୟ ସ୍ଥାନରେ ରହିଥିଲେ । ଦୁଇ ଜାପାନୀ ଖେଳାଳିଙ୍କ ଆହ୍ୱାନର ସମ୍ମୁଖୀନ ହୋଇଥିଲେ ମଧ୍ୟ ୨ ଲ୍ୟାପ୍ ପୂର୍ବରୁ ଦ୍ୱିତୀୟ ସ୍ଥାନକୁ ଉଠିଥିଲେ । ଅନ୍ତିମ ଲ୍ୟାପ୍‌ରେ କିନ୍ତୁ ସମସ୍ତଙ୍କୁ ଚକିତ କରି ଅବିନାଶ ଅବିଶ୍ୱସନୀୟ ଗତି ସହ ଜାପାନର ୟୁତାରୋ ନିନାଏଙ୍କୁ ପଛରେ ପକାଇଦେଇଥିଲେ । ୱାଟର୍ ଜମ୍ପ୍ ପରେ ପରେ ସେ ପ୍ରଥମ ସ୍ଥାନରେ ପହଞ୍ଚି ସ୍ୱର୍ଣ୍ଣିମ ସ୍ୱପ୍ନକୁ ସାକାର କରିନେଇଥିଲେ । ନିନାଏ ଜାପାନକୁ ରେ ?ପ୍ୟ ପଦକ ଦେଇଥିବା ବେଳେ କତରର ଜାକାରିଆ ଇଲାଲାମି କାଂସ୍ୟ ପଦକ ହାସଲ କରିଥିଲେ । ଭାରତ ପାଇଁ ଆଉ ଏକ ବହୁ ପ୍ରତୀକ୍ଷିତ ସ୍ୱର୍ଣ୍ଣ ପଦକ ଜିତିଥିଲେ ଭାରତୀୟ ମହିଳା ରିଲେ ଦଳ । ଜିସ୍ନା ମାଥ୍ୟୁ, ରୁପଲ ଚୌଧୁରୀ, ରଜିଥା କୁଞ୍ଜା, ଶୁଭ ଭେଙ୍କଟେଶନଙ୍କୁ



ନେଇ ଗଠିତ ଭାରତୀୟ ୪ ଗୁଣା ୪୦୦ ମିଟର ମହିଳା ରିଲେ ଦଳ ସିଜନ୍ ଶ୍ରେଷ୍ଠ ପ୍ରଦର୍ଶନ (୩:୩୪.୧୮) ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ।

## ଶ୍ରୀମନ୍ଦିର ସେବକ ବାଳକ ବାଳିକା ସନ୍ତରଣ ପ୍ରଶିକ୍ଷଣ



ପୁରୀ: ଶ୍ରୀମନ୍ଦିର ସେବକ ବାଳକ ବାଳିକା ମାନଙ୍କ ପାଇଁ ଏକ ସନ୍ତରଣ ପ୍ରଶିକ୍ଷଣ ଶିବିର ଗତକାଲି ଠାରୁ ଆରମ୍ଭ ହୋଇଛି ।ଏହା ଜୁନ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଶ୍ରୀଜଗନ୍ନାଥ ଷ୍ଟାଡିୟମ ସନ୍ତରଣାଗାରରେ ଏହି ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଛି । ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ କ୍ରୀଡା ବିଭାଗର ମିଳିତ ସହଯୋଗରେ ଏହା ପ୍ରଥମ ଥର ପାଇଁ ଆୟୋଜିତ ହୋଇଛି । ସମସ୍ତେ ସୁସ୍ଥ ଓ ନୀରୋଗ ରୁହନ୍ତୁ ।ଏହି ବାର୍ତ୍ତା ନେଇ ଏ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି ।ବିଶେଷ କରି ପିଲା ମାନଙ୍କ ର ବିଦ୍ୟାଳୟ ଏବେ ଛୁଟି ଥିବାରୁ ଏହି ସନ୍ତରଣ ଏକ ସମର କ୍ୟାମ୍ପ ଭଳି ସେମାନ ଙ୍କୁ ସହାୟକ ହେବ ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ କହିଛନ୍ତି ।ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ମୋଟ ୯୮ ପିଲା ଏଥିରେ ପ୍ରଶିକ୍ଷଣ ନେଉଛନ୍ତି ଓ ୩ଟି ସ୍ଲଟରେ ସନ୍ତରଣ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଛି ବୋଲି କହିଥିଲେ ।ସୋମବାର ବ୍ୟତୀତ ସକାଳ ୭.୧୫ ମି ରୁ ୮ ଘଟିକା,ସକାଳ ୯ ଟାରୁ ୯.୪୫ ଘଟିକା ପର୍ଯ୍ୟନ୍ତ ବାଳକ ମାନଙ୍କର ଓ ୯.୪୫ ମିନିଟ ରୁ ସକାଳ ୧୦.୩୦ ଘଟିକା ପର୍ଯ୍ୟନ୍ତ ବାଳିକା ମାନଙ୍କ ର ପ୍ରଶିକ୍ଷଣ ଅନୁଷ୍ଠିତ ହେଉଛି ।ପ୍ରତ୍ୟେକ ସନ୍ତରଣ କଷ୍ଟ୍ୟୁମ ବା ପୋଷାକ ରେ ସନ୍ତରଣ ପ୍ରଶିକ୍ଷଣ ନେଉଛନ୍ତି ବୋଲି ଶ୍ରୀ ସାହୁ ସୂଚନା ଦେଇଥିଲେ ।



ବାରବାଟୀ ଆନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ୍ ଠାରେ ଓଏଏସ୍‌ଏମ୍‌ଇ ଦ୍ୱାରା ଆୟୋଜିତ କର୍ପୋରେଟ୍ କ୍ରିକେଟ୍ ଲିଗ୍ ୨୦୨୫ ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ, ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ ସମସ୍ତ ଖେଳାଳିଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଛନ୍ତି । ଏପରି କ୍ରୀଡା ଅନୁଷ୍ଠାନ ଯୁବପିଢି ମଧ୍ୟରେ ଖେଳ ପ୍ରତି ଆଗ୍ରହ ବଢ଼ାଇବା ସହ ଓଡ଼ିଶାର କ୍ରୀଡା କ୍ଷେତ୍ରକୁ ସୁଦୃଢ କରିବ ବୋଲି ମନ୍ତ୍ରୀ ବିଶ୍ୱାସ ରଖିଛନ୍ତି ।

## ସୁଟିଂ ବିଶ୍ୱକପ୍: ତେଜସ୍ୱିନୀଙ୍କୁ ସ୍ୱର୍ଣ୍ଣ



**ନୂଆଦିଲ୍ଲୀ:** ଜର୍ମାନୀର ସୁଲ୍‌ଠାରେ ଆୟୋଜିତ ଆଇଏସ୍‌ଏସ୍‌ଏଫ୍ କନିଷ୍ଠ ବିଶ୍ୱକପ୍ ସୁଟିଂରେ ଭାରତୀୟ ସୁଟର ତେଜସ୍ୱିନୀ ୨୫ ମିଟର ମହିଳା ପିସ୍ତଲରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ୮ପ୍ରତିଯୋଗୀ ବିଶିଷ୍ଟ ଫାଇନାଲ୍‌ରେ ୫୦ ସଟ୍‌ରୁ ୩୧ ପଏଣ୍ଟ୍ ଅର୍ଜନ କରି ପ୍ରଥମ ସ୍ଥାନରେ ରହିଥିଲେ ସେ । ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟର ଚତୁର୍ଥ ସ୍ଥାନରେ ରହି ଫାଇନାଲ୍‌କୁ ଯାଇଥିଲେ ତେଜସ୍ୱିନୀ । ମହିଳା ୨୫ ମିଟର ପିସ୍ତଲରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଅନ୍ୟ ତିନି ଭାରତୀୟ ରିୟା ଶିରିଶ ଥାଟେ, ନମ୍ୟା କାପୁର ଓ ଦିବ୍ୟାଂଶୀ ଯଥାକ୍ରମେ ୧୫, ୧୮ ଓ ୨୪ତମ ସ୍ଥାନରେ ରହି ନିରାଶ କରିଥିଲେ । କନିଷ୍ଠ ସୁଟରଙ୍କର ଏହି ସବୁଠାରୁ ସମ୍ମାନଜନକ ପ୍ରତିଯୋଗିତାରେ ଭାରତ ୩ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୪ କାଂସ୍ୟ ପଦକ ସହ ୧୧ ପଦକ ଜିତି ଶୀର୍ଷ ସ୍ଥାନରେ ରହିଛି ।



ଚାଳିଶବାଟିଆ ଗ୍ରାମ ପଞ୍ଚାୟତ ଅଧିନସ୍ଥ ପିତେଇପୁର ଗ୍ରାମରେ ମା ଯୋଗମାୟା କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ଫାଇନାଲ ମ୍ୟାଚରେ ଆମନ୍ତ୍ରିତ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ବିଜୟ ଓ୍ ପରାଜୟ ଦଳକୁ ଟ୍ରଫି ପ୍ରଦାନ କରିଛନ୍ତି ।

## ସିଏମ୍ ଟ୍ରଫି-୨୦୨୫ ଲୋଗୋ, ଟ୍ରଫି ଓ ଆନ୍‌ଥେମ୍ ଉନ୍ମୋଚନ



CM Trophy 2025

**ଭୁବନେଶ୍ୱର:** ସିଏମ୍ ଟ୍ରଫି-୨୦୨୫: ଲକ୍ଷ୍ୟ ଏକ, ପ୍ରତିଭା ଅନେକ । ରାଜ୍ୟରେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଗ୍ରହ କ୍ରମେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ଫୁଟବଲ୍ ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ ଚାମ୍ପିୟନ୍‌ସିପ୍-୨୦୨୫ ଆୟୋଜନ କରାଯାଉଛି । ଆଜି ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡ଼ିୟମଠାରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସିଏମ୍ ଟ୍ରଫି ଫୁଟବଲ ଚାମ୍ପିୟନ୍‌ସିପ୍-୨୦୨୫ର ଲୋଗୋ, ଟ୍ରଫି, ଜର୍ସି ଏବଂ ଆନ୍‌ଥେମ୍‌କୁ ଉନ୍ମୋଚନ କରିଛନ୍ତି । କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ରାଜ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ କରିବା ଓ କ୍ରୀଡ଼ା ପ୍ରତିଭାଙ୍କୁ ବିଶ୍ୱ ସ୍ତରରେ ପହଞ୍ଚାଇବା ନିମନ୍ତେ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ କରିବା ଲକ୍ଷ୍ୟରେ ରାଜ୍ୟରେ ପ୍ରଥମ ଥର ପାଇଁ ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ ଚାମ୍ପିୟନ୍ ?ସିପ୍ ?ର ଆୟୋଜନ କରାଯାଉଛି ।




Printed, Published by : Rajesh Kumar Mohanty on behalf of Shree Shrikshetra Soochana, Raghunath Bhavan, Narendra Kona, Jagannath Puri-752001 (Odisha), Printed at : AB IMAGING & PRINTS PVT. LTD., 62 & 63, GANGA NAGAR, UNIT-6, Bhubaneswar, 751001, (Odisha), Mob- 9437058632, Email- soochananews111@gmail.com

Edited by
Rajesh Kumar Mohanty